## ଭୋଟର ସଂଖ୍ୟା ବୃଦ୍ଧି କରିବାକୁ ନିର୍ଦ୍ଦେଶ

### ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା

■ ଚୋରା ମଦ କାରବାର ଉପରେ ଚଢ଼ାଉ କର

**ଛତ୍ରପୁର,୨୫।୧୧(ଡି.ଏନ.ଏ.)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଗୁରୁବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ଆସନ୍ତା ନିର୍ବାଚନ ଓ ଅବକାରୀ ବିଭାଗର ସମୀକ୍ଷା କରିଛନ୍ତି । ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପ୍ରମୁଖ ଶାସନ ସଚିବ ଲୋହାନୀ ଅଧ୍ୟକ୍ଷତା କରି ନୂତନ ଭୋଟର ସଂଖ୍ୟା ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ଭୋଟର ତାଲିକା ସଂଶୋଧନ, ବାଦ ଓ ସଂଯୋଗ କାର୍ଯ୍ୟ ଅନଲାଇନ ମାଧ୍ୟମରେ ଚାଲୁ ରହିଛି । ଏହି ସମୟରେ କ'ଣ ଅସୁବିଧା ହେଉଛି ସେ ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସଚିବଙ୍କୁ ଅବଗତ କରାଇଥିଲେ । ପରେ ବ୍ରହ୍ମପୁର ଓ ଗଞ୍ଜାମ ଅବକାରୀ ଜିଲାର ବିଭିନ୍ନ ବିଷୟକୁ ନେଇ ସମୀକ୍ଷା କରାଯାଇଥିଲା । ଏହି ଦୁଇ ଅବକାରୀ ଜିଲାରେ ବହୁ ପଦବୀ ଖାଲି ରହିଥିବାରୁ ଏସବୁ ପଦବୀ ତୁରନ୍ତ ପୂରଣ ହେବ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ । ଏଥିସହ ବେଆଇନ ମଦ କାରବାର, ଅପମିଶ୍ରିତ ମଦ ଏବଂ ଗଞ୍ଜେଇ ଚାଲଣ ଉପରେ ରୋକିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଗଞ୍ଜାମ ଅବକାରୀ ଜିଲାକୁ ଚଳିତ ବର୍ଷ ପାଇଁ ୮୧ କୋଟି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିବା ବେଳେ ଏଯାବତ ୫୨ ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ ହାସଲ ହୋଇଛି । ସେହିପରି ବ୍ରହ୍ମପୁର ଅବକାରୀ ବିଭାଗକୁ ୭୬ କୋଟି ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିବା ବେଳେ ୪୪ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ବ୍ରହ୍ମପୁର ଉପଜିଲାପାଳ ଭି.କିର୍ତ୍ତୀ ଭାଷନ, ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଆସିଷ୍ଟାଟ କଲେକ୍ଟର ବିକ୍ରମ କୁମାର ଦୋରା, ଗଞ୍ଜାମ ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ଭଦ୍ରା, ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ନାୟକ, ଗଞ୍ଜାମ ଅବକାରୀ ଉପଅଧୀକ୍ଷକ ଅଭିମନ୍ୟୁ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଧରାକୋଟରେ ସ୍ୱତନ୍ତ୍ର ଗ୍ରାମସଭା



ସଚେତନତା ଶୋଭାଯାତ୍ରା ।

**ଧରାକୋଟ,୨୫।୧୧(ଡି.ଏନ୍.ଏ.)**

ଧରାକୋଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧରାକୋଟ ବିଡିଓ ଡେନିସ ବେହେରା ଉପସ୍ଥିତ ରହି ପଞ୍ଚାୟତରେ ଆବଶ୍ୟକ ଥିବା ଉନ୍ନୟନ କାର୍ଯ୍ୟ ପାଇଁ ଦାବି ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ୱାର୍ଡର ବାସିନ୍ଦା ଡ୍ରେନ ନିର୍ମାଣ, ଗ୍ରାମ ପୁଷ୍କରିଣୀ ସୌନ୍ଦର୍ଯ୍ୟକରଣ, ସାହି ଗଳିକନ୍ଦିରେ ନୂଆ ରାସ୍ତା, କୋଠଘର ନିର୍ମାଣ କରାଯାଉ ବୋଲି କହିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରିଙ୍କୁ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ଅଞ୍ଜଳି ସ୍ୱାଇଁ ଉପସ୍ଥିତ ରହି ବିକାଶମୂଳକ କାର୍ଯ୍ୟ ଉପରେ ମତ ରଖିଥିଲେ। ସଭା ପୂର୍ବରୁ ସଚେତନତା ପାଇଁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା।

## ଓଡ଼ିଆ ବିଭାଗ ପାଠଚକ୍ର

**ପାରଳାଖେମୁଣ୍ଡି,୨୫।୧୧(ଡି.ଏନ.ଏ.)**

ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ' ଶୀର୍ଷକ ଏହି ପାଠଚକ୍ରରେ ଅନ୍ୟ ଦୃଷ୍ଟି ଏକ ଉଚାଙ୍ଗ ସାହିତ୍ୟ ପତ୍ରିକା ବ୍ରହ୍ମପୁରର ସମ୍ପାଦକ ସୋମନାଥ ବେହେରା ଯୋଗଦେଇ ନାଟକର ଇତିହାସ ଓ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଅତିଥିଭାବେ ରାଜ୍ୟପାଳ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଏବଂ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ଶିକ୍ଷକ ତଥା ଓଡିଶା ସାହିତ୍ୟ ଏକାଡେମୀ ଗଜପତି ଜିଲାର ସଭ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଡ. ଚନ୍ଦ୍ରଶେଖର ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଅର୍ଜୁନ ଜେନା ସଭା ପରିଚାଳନା କରିଥିଲେ।

## ରନ୍ଧାମଦ ଜବତ, ୫ ଗିରଫ

**ଆସିକା,୨୫।୧୧(ଡି.ଏନ.ଏ.)**

ପୋଲିସ ପକ୍ଷରୁ ଗୁରୁବାର ଆସିକା ଏନଏସିର ପାକଲାପଲ୍ଲୀ, ତୁମ୍ଭାଠେଙ୍ଗାପଲ୍ଲୀ, କରାତଳି, ଗଣ୍ଡପଲ୍ଲୀ ଆଦି ଅଞ୍ଚଳରେ ଚଢାଉ କରାଯାଇ ୧୦୦ ଲିଟର ରନ୍ଧାମଦ ଜବତ କରାଯାଇଛି। ଏହି ମାମଲାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଏ. ଚାଣ୍ଟି, ଏ.ଗୋପାଳ, ନୀଳାଞ୍ଚଳ ସ୍ୱାଇଁ, ଡି. ଜଗା ଓ ଡି. ଏଙ୍କେଟେଶ୍ୱୁ। ଆସିକା ଥାନାରେ ଏମାନଙ୍କ ବିରୋଧରେ ପୃଥକ ୫ ମାମଲା (ନଂ.୭୫୬, ୭୫୭, ୭୫୮, ୭୫୯,୭୬୦/୨୧) ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା କର୍ମୀ

କବିସୂର୍ଯ୍ୟନଗର,୨୫।୧୧(ଡି.ଏନ.ଏ.):କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବୋଲସର ଗ୍ରାମପଞ୍ଚାୟତର ଶତାଧିକ ଭାଜପା କର୍ମୀ ବୁଧବାର ବିଜେଡିରେ ଯୋଗଦାନ କରିଛନ୍ତି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ଦକ୍ଷିଣ ଓଡ଼ିଶା ଜୋନ ସଭାପତି ନଚିକେତା ସ୍ୱାଇଁଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବୋଲସର ଗ୍ରାମର ଶହେରୁ ଊର୍ଦ୍ଧ୍ୱ ପରିବାର ଓ ପଞ୍ଚାୟତର ନାଏବ ସରପଞ୍ଚ ଶଙ୍କର ମହାରଣା ପ୍ରମୁଖ ବିଜେଡିରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଲସର ଗ୍ରାମପଞ୍ଚାୟତର ଯୁବନେତା ଓ କବିସୂର୍ଯ୍ୟନଗର ବ୍ଲକ ଛାତ୍ର ବିଜେଡି ସଭାପତି ନୀଳାଞ୍ଚଳ ମଣ୍ଡଳ, କବିସୂର୍ଯ୍ୟନଗର ବ୍ଲକ ଯୁବ ବିଜେଡି ସମ୍ପାଦକ ମନୋଜ କୁମାର ଆପଟ, ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବିପିନ ବିହାରୀ ଦଳେଇ, ପଞ୍ଚାୟତ ସମିତିସଭ୍ୟ ବଳରାମ ପରିଡା, ରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଗଡ଼ିଲା ପୋଷ୍ୟସନ୍ତାନ ସଚେତନତା ରଥ

ବେଗୁନିଆପଡା,୨୫।୧୧(ଡି.ଏନ୍.ଏ.) ରାଜ୍ୟ ଶିଶୁ ସୁରକ୍ଷା ସମିତି, ମହିଳା ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ପକ୍ଷରୁ ପୋଷ୍ୟ ସନ୍ତାନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବେଗୁନିଆପଡ଼ା ବ୍ଲକ ପକ୍ଷରୁ ବୁଧବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲାରେ ପରିକ୍ରମା କରି ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଲୋକମାନଙ୍କୁ ସଚେତନ କରାଇବ।

### ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

ବେଗୁନିଆପଡା,୨୫।୧୧(ଡି.ଏନ.ଏ.) ବେଗୁନିଆପଡ଼ା ବ୍ଲକର ସୁମଣ୍ଡଳ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ବୁଧବାର ମାରାଥନ ଉଦଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଏହି ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। ପ୍ରଥମେ ଏହି ପଞ୍ଚାୟତର ମୋହନପୁର ସାହିରେ କୋଠଘରକୁ ଉଦଘାଟନ କରିଥିବା ବେଳେ ଭାଲିଆଝର ହରିଜନ ସାହି କୋଠଘର, ବସଷ୍ଟାଣ୍ଡ ନିକଟରେ ବଜାର ଗୃହ ଓ ପଞ୍ଚାୟତ ସହାୟତା କେନ୍ଦ୍ର, ସଉରପଲ୍ଲୀ ଠାରେ ନାମ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସମେତ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ସ୍ଥାନୀୟ ସରପଞ୍ଚ ସନ୍ତୋଷିନୀ ସାହୁ, ସମିତିସଭ୍ୟା ସଷ୍ଟମା ସ୍ୱାଇଁ, ଅନେକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

### ମନ୍ଦିର କାର୍ଯ୍ୟକୁ ବିରୋଧ ପ୍ରତିବାଦରେ ବଜାର ବନ୍ଦ

କ.ନୂଆଗାଁ,୨୫।୧୧(ଡି.ଏନ୍.ଏ.)- କନ୍ଧମାଳ ଜିଲା କ.ନୂଆଗାଁ ଠାରେ ଚାଲିଥିବା ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟକୁ ନୂତନ ଭାବେ ଗଠିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁରକ୍ଷା ମଞ୍ଚ ବିରୋଧ କରୁଛି। ଏହା ସ୍ୱାସ୍ଥ୍ୟକେନ୍ଦ୍ର ଜାଗାରେ ହେଉଛଇ ହେଉଛି ବୋଲି ମଞ୍ଚ ଅଭିଯୋଗ କରୁଛନ୍ତି। ମନ୍ଦିର କାର୍ଯ୍ୟକୁ ବିରୋଧ ପ୍ରତିବାଦରେ ଗୁରୁବାର ଦୁର୍ଗା ପୂଜା କମିଟି ଓ ବଜାର କମିଟି ପକ୍ଷରୁ ଦୋକାନ ବଜାର ବନ୍ଦ କରାଯାଇଛି। ପରେ ବ୍ଲକର ଶତାଧିକ ଜଗନ୍ନାଥପ୍ରେମୀ ଏକାଠି ହୋଇ ତହସିଲ ଅଫିସକୁ ଯାଇଥିଲେ । ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ଅନୁପସ୍ଥିତିରେ ନାଜିର ସୁଭେନ୍ଦ୍ର କୁମାର ସାହୁଙ୍କୁ ମନ୍ଦିର ଜାଗା ସମନ୍ଧୀୟ କାଗଜପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଜାଗା ବିବାଦ ସମାଧାନ ପାଇଁ ତହସିଲଦାର ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁରକ୍ଷା ମଞ୍ଚ ଓ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିବେ ବୋଲି ପୂର୍ବରୁ ଧାର୍ଯ୍ୟ କରିଥିଲେ। ମାତ୍ର ତହସିଲଦାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଯାଇଥିବାରୁ ଆସନ୍ତା ୩୦ ତାରିଖରେ ଶୁଣାଣି କରିବା ପାଇଁ ଧାର୍ଯ୍ୟ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି କୃଷ୍ଣମୋହନ ପାଣିଗ୍ରାହୀ,ଉପସଭାପତି ପଣ୍ଡିତ କୁମାର ବିଶୀମଝି,ସମ୍ପାଦକ ଧବଳେଶ୍ୱର ପାତ୍ର, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, କଞ୍ଚାମେଣ୍ଡି ସରପଞ୍ଚ ସନିରା ପ୍ରଧାନ, ସିର୍ତ୍ତିଗୁଡ଼ା ସରପଞ୍ଚ ବନମାଳୀ ପ୍ରଧାନଙ୍କ ସମେତ ବ୍ଲକର ଶତାଧିକ ଜଗନ୍ନାଥ ପ୍ରେମୀ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ।

## ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ

### ନିରାକରଣ ଦାବି କଲା ଭାଜପା

**ପାତ୍ରପୁର,୨୫।୧୧(ଡି.ଏନ.ଏ.)**

ପାତ୍ରପୁର ବ୍ଲକର ବିଭିନ୍ନ ଗ୍ରାମର ଧାନ ଫସଲରେ ଚକଡ଼ା ପୋକ ଲାଗିଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ତୁରନ୍ତ କୃଷି ବିଭାଗ ପକ୍ଷରୁ ସମ୍ପୃକ୍ତ ଚାଷୀଙ୍କୁ ଏହାର ନିରାକରଣ ସହ ସହାୟତା ଯୋଗାଇ ଦେବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ପୂର୍ବରୁ ସାରର କୃତ୍ରିମ ଅଭାବ ଯୋଗୁ ଚାଷୀ ଚଢ଼ା ଦରରେ କିଣିଥିଲା। ଏହାପରେ ଲଘୁଚାପଜନିତ ବର୍ଷାରେ ଧାନ ଫସଲ ବ୍ୟାପକ କ୍ଷତି ହୋଇଥିଲା । ଏବେ ଅଞ୍ଚଳର ଖାରିଆଗୁଡ଼ା, ଗୁଣ୍ଡୁରା, ତୁରୁବୁଡି, ପାତ୍ରପୁର, ଆମ୍ବପୁର, ବରଙ୍ଗ, ବାଦପୁର ଆଦି ପଞ୍ଚାୟତର ଧାନ ଅମଳ ହେବାକୁ ଥିବାବେଳେ ଚକଡ଼ା ପୋକ ପାଦୁର୍ଭାବ ଦେଖା ଦେଇଛି। ପୋକ ଲାଗିବା ପରେ ଦିନେ ଦୁଇ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଜମିକୁ ବ୍ୟାପି ଯାଉଛି। ଯାହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ୁଛି। ତେଣୁ କ୍ଷତି ହୋଇଥିବା ଜମିର ପରିମାଣ ଆକଳନ କରି ତୁରନ୍ତ ସହାୟତା ଯୋଗାଇଦେବାକୁ ଭାଜପା ପକ୍ଷରୁ ଦାବି ହେଉଛି।

## ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଲେ ମିଳିବ ୨ହଜାର


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ।

### କୋରାପୁଟରେ ରକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କୋରାପୁଟ, ୨୫।୧୧(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ରାଜ୍ୟ ପରିବହନ ବିଭାଗ ଓ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ମିଳିତ ସହଯୋଗରେ ରକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ୍. ଅଖତାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାସ୍ତାରେ ଦୁର୍ଘଟଣା ଘଟିଲେ ଦୁର୍ଘଟଣାଗ୍ରସ୍ତଙ୍କୁ କିଭଳି ଆଶୁ ଚିକିତ୍ସା ପ୍ରଦାନ କରାଯିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ସେହିପରି ରାସ୍ତାକଡ ଢାବା ଓ ଦୋକାନୀମାନେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ କିପରି ସହଯୋଗ କରିବେ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଲେ ରାଜ୍ୟ ପରିବହନ ବିଭାଗ ପକ୍ଷର ୨ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ମିଳିବ ବୋଲି ବୈଠକରେ କୁହାଯାଇଛି। ୩୦ ଜିଲାରୁ ୩୦୦ ପ୍ରଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିସହ ୩୦ ହଜାର ସାମାଜିକ କର୍ମୀଙ୍କୁ ତାଲିମ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଡକ ନିରାପତା ଓଡିଶାର ଯୁଗ୍ମ ପରିବହନ କମିଶନର ବିଜୟ ନାୟକ, ଏଏସ୍‌ପି ଉତ୍କଳ କେଶରୀ ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ ଦାସ ଉପସ୍ଥିତ ଥିଲେ। କାଯ୍ୟକ୍ରମର ଶେଷରେ ଜିଲା କନିଷ୍ଠ ରେଡକ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାସ୍ତା ମରାମତି କଲା ସତ୍ୟସାଇ ସେବା ସଂଘ

**ଶେରଗଡ,୨୫।୧୧(ଡି.ଏନ.ଏ.)**

ଶେରଗଡ ଦେଇ ଯାଇଥିବା ୫୯ ନଂ. ଜାତୀୟ ରାଜପଥ ଖାଲଖମାରେ ଭର୍ତ୍ତି ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ଶେରଗଡ ସତ୍ୟସାଇ ବାବା ସେବା ସଂଘର ସଦସ୍ୟମାନେ ଗୁରୁବାର ଉକ୍ତ ରାସ୍ତାର କେତେକ ଖାଲଖମାରେ ପଥର ଓ ଇଟା ପକାଇ ସମତୁଲ କରିବା ପରେ ସିମେଣ୍ଟ ଢ଼ାଳେଇ କରିଛନ୍ତି। ସଂଘର ଏହି କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

## ପଞ୍ଚାୟତସ୍ତରୀୟ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ


ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ।

**ଖଜୁରିପଡ଼ା/ବଲସକୁମ୍ପା, ୨୫।୧୧(ଡି.ଏନ.ଏ.)**

ଓଡ଼ିଶାର ନିରୀହ ଅସହାୟ ଗରିବ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜନସାଧାରଣଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସରକାରୀ ଅବା ବେସରକାରୀ ମେଡିକାଲରେ ଯୋଗାଇ ଦେବା ପାଇଁ ଯୋଜନା କରି ୩୦ ଜିଲାରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରୁଛନ୍ତି। ସୋମବାର କନ୍ଧମାଳ ଜିଲାକୁ ଗସ୍ତ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ବଣ୍ଟନ ଶୁଭାରମ୍ଭ କରିଛନ୍ତି। ସେହି ଦିନଠାରୁ ପ୍ରତ୍ୟେକ ବ୍ଲକ ଏବଂ ପଞ୍ଚାୟତଗୁଡିକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଏବଂ ଟିଟ୍ରାପଙ୍ଗା ପଞ୍ଚାୟତରେ ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ କରାଯାଇଛି। ବଲସକୁମ୍ପାରେ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତିସଭ୍ୟ ସରୋଜ କୁମାର ସାହାଣୀ, ରାଜସ୍ୱ ନିରୀକ୍ଷକ ସବିତା ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରଧର ମହାରଣା, ଯନ୍ତ୍ରୀ ରବିନାରାୟଣ ଲେଙ୍କା, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ୧୦୮୫ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ବଣ୍ଟନ କରିଛନ୍ତି।

ସେହିପରି ଟିଟ୍ରାପଙ୍ଗା ପଞ୍ଚାୟତରେ ସରପଞ୍ଚ ଗୀତାଞ୍ଜଳି ଜାନି, ସମିତିସଭ୍ୟ ମନୀଷା ଦିଗାଲ, ନାଏବ ସରପଞ୍ଚ ବ୍ରହ୍ମାନନ୍ଦ ଦିଗାଲ, କନିଷ୍ଠ ଯନ୍ତ୍ରୀ ସନ୍ତୋଷୀ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୭୭୯ ହିତାଧକାରୀଙ୍କୁ କାର୍ଡ ବଣ୍ଟନ କରିଛନ୍ତି।

## ଦାବି ପୂରଣ ନ ହେଲେ ଜଳଯୋଗାଣ କାର୍ଯ୍ୟ ବନ୍ଦ

**ଆର.ଉଦୟଗିରି,୨୫।୧୧(ଡି.ଏନ.ଏ.)**

ଗଜପତି ଜିଲା ଏସ୍‌ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆର.ଉଦୟଗିରି ଓ ମୋହନାରେ କାର୍ଯ୍ୟରତ ଜଳ ଯୋଗାଣ କର୍ମଚାରୀମାନେ ସ୍ଥାନୀୟ ତହସିଲଦାରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଶୀଘ୍ର ପୂରଣ ନ ହେଲେ ଆଗାମୀ ଦିନରେ ଗ୍ରାମଗୁଡ଼ିକୁ ଜଳଯୋଗାଣ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆର.ଉଦୟଗିରି ଏସଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ଗଙ୍ଗା ଗୌଡ, କୁନା ଗୌଡ, ରାମେଶ୍ୱର ପ୍ରଧାନୀ, କିଶୋର ଗୌଡ, ଗଙ୍ଗା ପଲେଇ ପାତ୍ର ଓ ପିତାମ୍ବର ପାତ୍ର ଚେତାବନୀ ଦେଇଛନ୍ତି।

## ବ୍ଲକସ୍ତରୀୟ ନିଯୁକ୍ତିମେଳା


ଉପସ୍ଥିତ ପ୍ରାର୍ଥିନୀ ଓ ପ୍ରାର୍ଥୀ।

**ଗୋଷାଣୀ,୨୫।୧୧**

ଗଜପତି ଜିଲା ନିଯୋଜନ କାର୍ଯ୍ୟାଳୟ ତରଫରୁ ଗୁରୁବାର ଗୋଷାଣୀରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ କେଶରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ନିଯୋଜନ ଅଧିକାରୀ ସୌଭାଗ୍ୟ ସ୍ମିତିରଞ୍ଜନ ତ୍ରିପାଠୀ, ବିଡିଓ ନୀଳମାଧବ ମାଝି, ଜିଲା ଦକ୍ଷତା ବିକାଶ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର ଯୋଗଦେଇ ଆଶାୟୀ ପ୍ରାର୍ଥୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଯୋଗଦାନ କରି ସ୍ୱାବଲମ୍ବୀ ହେବାକୁ ଉତ୍ସାହିତ କରିଥିଲେ। ନିଯୁକ୍ତି ମେଳାରେ ଆଶାୟୀ ପ୍ରାର୍ଥିନୀ, ପ୍ରାର୍ଥୀ ଓ ୪ଟି ବେସରକାରୀ ନିଯୁକ୍ତି ସଂସ୍ଥା ଯୋଗ ଦେଇଥିଲେ। ଗତ ୧୬ ତାରିଖରେ ଗୋଷାଣୀ ବ୍ଲକରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଛତ୍ରପୁର ବିଧାୟକ ମୁକ୍ତା ଯୋଜନାରେ ଗଞ୍ଜାମ ସହରକୁ ଅନୁଦାନ

**ଗଞ୍ଜାମ,୨୫।୧୧(ଡି.ଏନ.ଏ.)**

ମୁକ୍ତା ଯୋଜନାରେ ଗଞ୍ଜାମ ସହରାଞ୍ଚଳ ପାଇଁ ରାଜ୍ୟ ସରକାର ୧ କୋଟି ୨୯ ଲକ୍ଷ ୨୯ ହଜାର ଟଙ୍କା ଅନୁମୋଦନ କରିଛନ୍ତି। ଏ ନେଇ ଛତ୍ରପୁର ବିଧାୟକ ଓ ଗଞ୍ଜାମ ସହରାଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଗଞ୍ଜାମ ସହର ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଦଳୀୟ କର୍ମୀଙ୍କ ଗହଣରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ସରକାରଙ୍କ ଏହି ଅନୁଦାନରେ ଶିଶୁ ଉଦ୍ୟାନ, ସ୍ମାର୍ଟ ପାର୍କ, ଶୌଚାଳୟ, ଜିମ ଆଦି ୨୧ ବିଭିନ୍ନ ପ୍ରକଳ୍ପ ନିର୍ମାଣ ହୋଇପାରିବ। ନଗର ଯୁବ ସଭାପତି ସୁଧୀର କୁମାର ପାଢୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାଶ, ପୂର୍ବତନ ଏନଏସି ଅଧ୍ୟକ୍ଷା ଉର୍ମିଳା ପଲାଇ, ସଭାନେତ୍ରୀ ପ୍ରମିଳା ଦାଶ, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ପୂର୍ବତନ ଏମପି ପ୍ରତିନିଧି ସୁଦାମ ପଲାଇ, ନଗର ଛାତ୍ର ଡିଜିଟାଲ ସେକ୍ରେଟାରୀ ଆଶୁତୋଷ ଦାଶ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଗାଁକୁ ମୌଳିକ ସୁବିଧା ନ ପହଞ୍ଚିଲେ ଭୋଟ ନାହିଁ

### ଧଡପାସ ୱାର୍ଡବାସୀଙ୍କ ଚେତାବନି

**ଟିକିରି,୨୫।୧୧(ଡି.ଏନ୍.ଏ.)**

ଅନେକ ଗାଁକୁ ଏବେ ମଧ ପକ୍କାରାସ୍ତା ଓ ପାନୀୟ ଜଳର ସୁବିଧା ନାହିଁ। ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ଅଛନ୍ତି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅଧୀନ ଧଡପାସ ୱାର୍ଡରେ ଏହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ସମସ୍ୟାର ସମାଧାନ ନ ହେଲେ ୩ ଗ୍ରାମବାସୀ ସମ୍ପୂର୍ଣ୍ଣ ଭୋଟ ବର୍ଜନ କରିବେ ବୋଲି ଚେତାବନି ଦେଇଛନ୍ତି।

ୱାର୍ଡରେ ଧଡପାସ, ବଣ୍ଡାଦୋରା ଏବଂ କକିଡିସେମୀ ଗାଁ ରହିଛି। ପାହାଡ଼ିଆ ତଥା ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳର ୩ ଗାଁକୁ ରାସ୍ତା ନାହିଁ। ସେହିପରି ବଣ୍ଡାଦୋରା ଗାଁ ରାସ୍ତାରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ଏକ ନଦୀ ରହିଛି। ଏହି ନଦୀ ଉପରେ ପୋଲଟିଏ ନିର୍ମାଣ ଓ ୱାର୍ଡ ଅନ୍ତର୍ଗତ ତିନଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଦ୍ୱାରା ରାସ୍ତା ନିର୍ମାଣ ପାଇଁ ବାରମ୍ବାର ବ୍ଲକ ଠାରୁ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକଙ୍କ ଠାରୁ ଏମ୍‌ପି ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ସମାଧାନ ଅଟକିଯାଇଛି। ଗାଁ ମାଟି ରାସ୍ତାରେ ଆମ୍ବୁଲାନ୍ସ ଦୂର କଥା, ସାଇକେଲ ଓ ବାଇକ୍‌ରେ ଯିବା ସମ୍ଭବ ନୁହେଁ। ଫଳରେ ରୋଗୀ ଏବଂ ଗର୍ଭବତୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ପାରି ଯନ୍ତ୍ରଣା ଭୋଗୁଛନ୍ତି। ସେହିପରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ୧୦ରୁ୧୫ କି.ମି. ବାଟ ଚାଲି ପଞ୍ଚାୟତ ସଦରକୁ ଯିବାକୁ ପଡୁଛି। ସେହିପରି ପାନୀୟ ଜଳ କଥା କହିଲେ ସରକାରୀ ନଳକୂପ ରହିଥିଲେ ମଧ୍ୟ ଅଚଳ ହୋଇପଡ଼ିଛି। ଜୀବନ ବଞ୍ଚାଇବାକୁ ଯାଇ ଲୋକେ ନଦୀ ଏବଂ ଝରଣାର ଦୂଷିତ ପାଣି ବ୍ୟବହାର କରି ଅନେକ ସଂକ୍ରାମକ ରୋଗର ଶିକାର ହେଉଥିବା ୩ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡଙ୍ଗାସିଲ ସରପଞ୍ଚ, ନିର୍ବାହୀ ଅଧିକାରୀ ଏବଂ କାଶୀପୁର ବ୍ଲକ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ପାନୀୟ ଜଳ ସଙ୍କଟ ଦେଖା ଦେଇଥିବା ସେମାନେ କହିଛନ୍ତି। ୱାର୍ଡର ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିବାବେଳେ ବଣ୍ଡାଦୋରା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ନିର୍ବାଚନ ପୂର୍ବରୁ ସମସ୍ୟାର ସମାଧାନ ପାଇଁ ସେମାନେ ଦାବି କରିଛନ୍ତି।



## ୧୬ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୨୫।୧୧:**

ପୁରୁଣା ୱାରେଣ୍ଟ ବଳରେ ଟାଉନ୍ ଥାନା ପୋଲିସ ଏକ ଠକେଇ ମାମଲାରେ ଜଣେ ଯୁବକଙ୍କୁ ୧୬ ବର୍ଷ ପରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଖାଜାସାହିର ଶେଖ ସୁକୁର୍(୪୦) ବୋଲି ପୋଲିସ କହିଛି। ଏକ ଠକେଇ ମାମଲାରେ ସୁକୁର ଫେରାର ଥିଲା। ଏଣୁ କୋର୍ଟ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଏହି ୱାରେଣ୍ଟ (ଜିଆର୍ ୧୬୧୭/୦୫) ବଳରେ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛି।

# ଦେଢ଼ବର୍ଷ ପରେ କାରଖାନାରେ ପ୍ରବେଶ କଲେ କର୍ମଚାରୀ

**ଜୟପୁର, ୨୫।୧୧(ନି.ପ୍ର.)**

ପୂର୍ବ ନିର୍ଦ୍ଧାରିତ ବିଜ୍ଞାପନ ଅନୁଯାୟୀ ବିଲ୍ଟ ସେବା କାଗଜକଳରେ ଗୁରୁବାର ଶ୍ରମିକମାନେ ପୁଣି ଥରେ ପ୍ରବେଶ କରିଛନ୍ତି। ବିଲ୍ଟ କାଗଜକଳ ମ୍ୟାନେଜମେଣ୍ଟ ସମସ୍ତ ଶ୍ରମିକଙ୍କୁ କାରଖାନାକୁ ପ୍ରବେଶ ଅନୁମତି ଦେଇଛି। ଶ୍ରମିକଙ୍କ କୋଭିଡ୍ ଦ୍ୱିତୀୟ ଡୋଜ୍ ପ୍ରମାଣପତ୍ର ଯାଞ୍ଚ ପରେ ମାସ୍କ ଦିଆଯାଇ ସେମାନଙ୍କୁ ଭିତରକୁ ପଠାଯାଇଛି। କାରଖାନାରୁ ଶୀଘ୍ର ଉତ୍ପାଦନ ହେବ ବୋଲି ଆଶା କରାଯାଉଛି।

୨୦୧୯ ଏପ୍ରିଲ ୨୦ରୁ ବିଲ୍ଟ କାଗଜକଳ ଉତ୍ପାଦନ ବନ୍ଦ କରିଦେଇଥିଲା। ୨୦୨୦ ଏପ୍ରିଲରୁ କରୋନା ଯୋଗୁ ମ୍ୟାନେଜମେଣ୍ଟ ଶ୍ରମିକଙ୍କୁ କାରଖାନା ଭିତରକୁ ନ ଯିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲା। ରାଜ୍ୟ ଓ କେନ୍ଦ୍ର ସରକାର କୋଭିଡ୍ କଟକଣା ଉଠାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ସବୁ ଶ୍ରମିକଙ୍କୁ ଯିବାକୁ ଅନୁମତି ଦେଇ ନ ଥିଲେ। ଏଥିପାଇଁ ଶ୍ରମ ବିଭାଗ ଚାରିଥର

**ବିଲ୍ଟ ପେପର ମିଲ୍‌ରେ ୨୦୨୦ ଏପ୍ରିଲରୁ ଶ୍ରମିକଙ୍କ ପ୍ରବେଶ ନିଷେଧ ଥିଲା**

ମିଳିତ ବୈଠକ ଡକାଇଥିଲେ। ଗତ ୧୯ରେ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ମ୍ୟାନେଜମେଣ୍ଟ ମୁଖ୍ୟଙ୍କୁ ଡାକି ତୁରନ୍ତ ସବୁ ଶ୍ରମିକଙ୍କୁ କମ୍ପାନୀରେ କାମ କରିବାକୁ ଅନୁମତି ଦେବାକୁ ଚାପ ପକାଇଥିଲେ। ମରାମତି କାମ ତ୍ୱରାନ୍ୱିତ କରି ଶୀଘ୍ର ଉତ୍ପାଦନ ଆରମ୍ଭ କରିବାକୁ



କହିଥିଲେ। ୟୁନିଟ୍ ମୁଖ୍ୟ ଏସ୍.ଏସ୍. ପାଲ୍ ମିଳିତ ୟୁନିୟନ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ନେଇ ୨୦ରେ ଏକ ବୈଠକ କରିଥିଲେ। ୨୫ରେ ସବୁ ଶ୍ରମିକ କାର୍ଯ୍ୟରେ ଯୋଗଦେବା ପାଇଁ ସ୍ଥିର ହେବା ପରେ ନୋଟିସ ଜାରି ହୋଇଥିଲା। ଏଥିପୂର୍ବରୁ ମ୍ୟାନେଜମେଣ୍ଟ ଫୋନ୍ ଜରିଆରେ କିଛି ସ୍ଥାୟୀ ଶ୍ରମିକଙ୍କୁ ଡକାଇ କାମ କରାଉଥିଲେ। ଏହାକୁ ନେଇ ୟୁନିୟନ ଓ ଶ୍ରମିକଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା।

## ସଂକ୍ଷେପରେ

### ବଦଳିଲେ ନବରଙ୍ଗପୁର ଡିଏଫ୍ଓ

ନବରଙ୍ଗପୁର,୨୫।୧୧ (ବି.ପ୍ର.)- ନବରଙ୍ଗପୁର ଡ଼ିଏଫ୍ଓ ମଗର ଧନଜୀ ରାଓସେଙ୍କ ବଦଳି ଆଦେଶ ହୋଇଥିବା ବେଳେ ତାଙ୍କ ସ୍ଥାନରେ ଅନୁଗୁଳ ଡ଼ିଏଫଓ ପ୍ରସନ୍ନ କୁମାର ବେହେରା ଯୋଗଦେବେ। ଏ ନେଇ ଓଡିଶା ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାଇ ଡ଼ିଏଫ୍ଓ ମଗର ଧନଜି ରାଓସେ ୨୦୨୦ ଫେବୃଆରୀରେ ନବରଙ୍ଗପୁରରେ କାର୍ଯ୍ୟଭାର ସମ୍ଭାଳି ଥିଲେ। ସେ ପ୍ରାୟ ଏକ ବର୍ଷ ୧୦ମାସ ରହିବା ପରେ ତାଙ୍କ ସ୍ଥାନରେ ଅନୁଗୁଳ ଡ଼ିଏଫଓଙ୍କୁ ବଦଳି କରାଯାଇଛି।

### ଗାଡ଼ି ଧକ୍କାରେ ଜଣେ ମୃତ

ଡାବୁଗାଁ, ୨୫।୧୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଛକ ନିକଟରେ ଏକ ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ନୟାଗଡ଼ ଜିଲା ସିନୁରାଇ ଗ୍ରାମର ତ୍ରିନାଥ ଜେନା (୪୮)। ସେ ଗତ ୭/୮ ବର୍ଷ ହେଲା ଉମରକୋଟରେ ଏକ ଗ୍ୟାରେଜରେ କୁଲି ଭାବେ କାମ କରନ୍ତି। ପ୍ରାୟ ଏକ ସପ୍ତାହ ହେଲା ଜୟପୁର ଯାଉଛି କହି ଗ୍ୟାରେଜରୁ ଆସି ଆଉ ଉମରକୋଟ ଫେରି ନ ଥିଲେ। ବୁଧବାର ବିଳମ୍ବିତ ରାତ୍ରିରେ ଚାଟିଗୁଡ଼ା ଛକ ନିକଟରେ ଏକ ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ଖବର ପାଇ ଡାବୁଗାଁ ଥାନା ସବ୍‌ଇନ୍ସପେକ୍ଟର ଚନ୍ଦ୍ରଭାନୁ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଡାବୁଗାଁ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। କେସ୍ ନଂ. ୨୦୩/୨୧ରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଧରିଲା ପୋଲିସ

କୋରାପୁଟ,୨୫।୧୧(ସ୍ୱ.ପ୍ର.)- କୋରାପୁଟ ଜିଲାର ଲମତାପୁଟ ପୋଲିସ ଗୁରୁବାର ଏକ ଗଞ୍ଜେଇ ଭର୍ତ୍ତି ବୋଲେରୋ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୩୦ ଲକ୍ଷରୁ ଅଧିକ ବୋଲି ଜଣାପଡିଛି। ଗଞ୍ଜେଇ ଚାଲାଣ ଖବରପାଇ ଲମତାପୁଟ ପୋଲିସ ସଗର ଛକରେ ଗାଡି ଚେକିଂ କରୁଥିବାବେଳେ ପୋଲିସର ବାରିକେଡ ଭାଙ୍ଗି ଗାଡିଟି ପଳାଇଥିଲା। ଲମତାପୁଟ ପୋଲିସ ଗାଡିର ପିଛା କରି କଞ୍ଚନ ଘାଟି ଅଞ୍ଚଳରୁ ଗାଡିଟିକୁ



ଅଟକାଇବାରେ ସଫଳ ହୋଇଥିଲା। ଗାଡି ଡ୍ରାଇଭର ଓ ସେଥିରେ ଥିବା ଅନ୍ୟମାନେ ଫେରାର ହୋଇଯାଇଥିଲେ। ଗାଡିରୁ ୧୧ ବସ୍ତାରୁ ୩୦୪ କେଜି ୪୦୦ ଗ୍ରାମ ଗଞ୍ଜେଇ ମିଳିଛି ବୋଲି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ତଦନ୍ତ ଚଳାଇଛି।

### ବ୍ଲକ କଂଗ୍ରେସ ସମାବେଶ

ବୈପାରିଗୁଡ଼ା, ୨୫।୧୧(ଡି.ଏନ୍.ଏ.)- ବୈପାରିଗୁଡ଼ା ହାଟପଦାରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିଶାଳ ସମାବେଶ କରାଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି, ମାଲକାନଗିରି ପୂର୍ବତନ ବିଧାୟକ ନିମାଇଁ ସରକାର, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ଜିଲା ଯୁବ ମହିଳା କଂଗ୍ରେସ ସଭାପତି ନଳିନୀ ରଥ, ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ପି.ରମେଶ ପାତ୍ର, ରୂପୁକ ତୁର୍କୁ, ବ୍ଲକ ସଭାପତି ଗୌରଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି, ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ସମାଲୋଚନା କରାଯାଇଥିଲା। ଓଡ଼ିଶାରେ ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି ତଥା ଦୁର୍ନୀତି ବିରୋଧରେ ରାଜ୍ୟ



ସରକାରଙ୍କୁ ସମାଲୋଚନା କରାଯାଇଛି। ବ୍ଲକରୁ ବିଭିନ୍ନ ପ୍ରାନ୍ତରୁ ୨ ଶହରୁ ଉର୍ଦ୍ଧ୍ୱ ସମର୍ଥକ ଦଳରେ ମିଶିଥିଲେ। ଗାୟତ୍ରୀ ନାୟକଙ୍କୁ ବ୍ଲକ ମହିଳା ସଙ୍ଗଠନ ସଭାପତି ଧନେଶ୍ୱର ମାଝିଙ୍କୁ ବ୍ଲକ କୃଷକ ସଂଘ ସଭାପତି ଘୋଷଣା କରାଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ କଂଗ୍ରେସ ସଭାପତି ଗୌରଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

# ଦୁର୍ଘଟଣା ରୋକିବାକୁ ୫ ବିଭାଗକୁ ଗୁରୁଦାୟିତ୍ୱ

**ନବରଙ୍ଗପୁର,୨୫।୧୧(ବି.ପ୍ର.)**

ନବରଙ୍ଗପୁର ଜିଲାରେ ଆରମ୍ଭ ହେଲା ଇଂଟିଗ୍ରେଟେଡ ରୋଡ ଏକ୍ସିଡେଂଟ ଡାଟାବେସ (ଆଇଆରଏଡି)। ଜିଲା ପୋଲିସ ମୁଖ୍ୟାଳୟ ବୈଠକ ଗୃହରେ ଏସ୍‌ପି ପି.ଏସ୍. ପରଷୋତ୍ତମ ଦାଶ ଯୋଗ ଦେଇଥିଲେ। ଦୁର୍ଘଟଣା ରୋକିବା ପାଇଁ ପୋଲିସ, ରାସ୍ତା ନିର୍ମାଣ ବିଭାଗ,ସ୍ୱାସ୍ଥ୍ୟ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ, ଟ୍ରାଫିକ ଆଦି୫ଟିବିଭାଗକୁନେଇଆଇଆର୍‌ଏଡିକାର୍ଯ୍ୟ କରିବ। ଡ୍ରାଇଭିଙ୍ଗ ଶିକ୍ଷା, ରାସ୍ତାର ଡିଜାଇନ, ବୈଶୟୀକ ଅସୁବିଧା, ଦୁର୍ଘଟଣା ସ୍ଥଳ, ରାସ୍ତାର ଦୁଇ କଡରେ ଗଛ ଲାଗିଥିବା ଦ୍ୱାରା ଆଲୋକ ନ ଥିବା ଦୁର୍ଘଟଣାର ପ୍ରମୁଖ କାରଣ। ଦୁର୍ଘଟଣ ତଥ୍ୟ ଠିକ ଭାବେ ରହୁନାହିଁ। ଆଇଆର୍‌ଏଡି ମାଧ୍ୟମରେ ସଠିକ ତଥ୍ୟ ଆସି ପାରିବ। ରାସ୍ତା ଦୁର୍ଘଟଣାରେ ମୃତ ବ୍ୟକ୍ତି କେତେକ ସ୍ଥାନରେ ଅଭିଯୋଗ ନକରି ମୃତଦେହ ନେଇ ଚାଲି ଯାଉଛନ୍ତି। ଏହାଦ୍ୱାରା ସେମାନଙ୍କୁ କ୍ଷତି ପୂରଣ ମିଳୁନି। ଦୁର୍ଘଟଣା ରୋକିବା ଓ ସଚେତନତା ପାଇଁ ୫ଟି ବିଭାଗକୁ ସାମିଲ



ବୈଠକରେ ଉପସ୍ଥିତ ଅତିଥିମାନେ।

**ଜିଲାରେ ଆରମ୍ଭ ହେଲା ଆଇଆର୍‌ଏଡି**

କରାଯାଇଛି। ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପହଞ୍ଚାଇଥିବା ବ୍ୟକ୍ତିଙ୍କ ପାଇଁ ୨ ହଜାରଟଙ୍କା ପୁରସ୍କାର ରାଶି ରହିଛି ବୋଲି ଏଆର୍‌ଟିଓ ବିଭୂରଞ୍ଜନ ନାୟକ କହିଛନ୍ତି। ଦୁର୍ଘଟଣା ଘଟାଇ ଚାଲିଯାଉଥିବା ଗାଡି ନମ୍ବରରୁ ଗାଡି ମାଲିକ ଓ ତାହାର ଡାଟା ଜାଣିବା ପାଇଁ ଏମ୍‌ପରିବହନ ଆପ ମାଧ୍ୟମରେ ତଥ୍ୟ ମିଳିପାଇ ପାରିବ ବୋଲି ସୂଚନା ମିଳିଛି। ଝରିଗାଁ ଚନ୍ଦାହାଣ୍ଡି ଘାଟି ରାସ୍ତାରେ ଲାଗିଥିବା ସୂଚନା ବୋର୍ଡଗୁଡିକ କାଟି ଦିଆଯାଉଛି। ଏହା ଦ୍ୱାରା ରାସ୍ତାରେ ଥିବା ଦୁର୍ଘଟଣା ସ୍ଥଳଗୁଡିକ ଜାଣିବା କଷ୍ଟକର ହେଉଛି। ଦୁର୍ଘଟଣା ସ୍ଥଳ ଚିହ୍ନଟ ସହ ଖାଲଖମା ରାସ୍ତା ମରାମତି କରାଯାଉଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର କହିଛନ୍ତି। ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନୀଳାଞ୍ଚଳ ପାଢି ପାୱାର ପଏଣ୍ଟରେ ଆଇଆରଏଡି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁରଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଦାମ ଚରଣ ମହାପାତ୍ର ଉପସ୍ଥିତ ଥିଲେ।

# ୮ରୁ ବ୍ଲକ୍‌ସ୍ତରୀୟ ପରବ

**କୁନ୍ଦୁରା, ୨୫।୧୧(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବୈଠକ ଗୃହରେ ସଂସ୍କୃତି ଓ ଲୋକ ମହୋତ୍ସବ ପରବ ପାଇଁ ବିଡିଓ ସ୍ନେହପ୍ରଭା ମାଝିଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଶିଶୁ ବିକାଶ ଯୋଜନା ଅଧିକାରୀ ଆରତି ମହାପାତ୍ର, ଆଦିବାସୀ ଗବେଷଣା ମଞ୍ଚ ଆବାହକ ରାଜେନ୍ଦ୍ର ପାଢ଼ୀ, ଜିଲା ପରିଷଦ (କ)ଲକ୍ଷ୍ମୀ ମିନର୍ବଲିଆ (ଖ),ଧନିରାମ ବାରିକ, କୁନ୍ଦୁରା ଥାନାଧିକାରୀ ମୀନକେତନ ପାତ୍ର, ବରିଷ୍ଠ ଶିକ୍ଷାବିତ ପଞ୍ଚାନନ ଗୌଡ଼ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରା ଉପସ୍ଥିତ ଥିଲେ।

ସୁମିତ୍ରା ଖରା ପୂର୍ବ ପରବ ବିବରଣୀ ପାଠ କରିଥିଲେ। ଡିସେମ୍ବର ୮ରୁ ବ୍ଲକସ୍ତରରେ ପରବ କରିବାକୁ ବୈଠକରେ ନିଷ୍ପତ୍ତି କରାଯାଇଛି। ଚଳିତ ବର୍ଷ ବ୍ଲକସ୍ତରୀୟ ପରବରେ ବିଭିନ୍ନ ବିଭାଗ ଦ୍ୱାରା ଷ୍ଟଲ୍‌ଗୁଡିକ କିଛିଦିନ ପୂର୍ବରୁ ନିର୍ମାଣ କରିବାକୁ ସ୍ଥିର ହୋଇଛି। ବ୍ଲକର କଳାକାରଙ୍କ ତାଲିକା ପଞ୍ଚାୟତସ୍ତରରେ ପ୍ରସ୍ତୁତ କରି ପରବ ପୂର୍ବରୁ ପଞ୍ଜୀକୃତ କରାଇବାକୁ ପିଇଓ, ଜିଆର୍‌ଏସ୍,ଯୋଗାଣ ସହାୟକ ଏବଂ ସରପଞ୍ଚଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକ,ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା,ରୀତା କରନ୍,ଚନ୍ଦ୍ରଶେଖର ରଥ,ଗୋପାଳ ସାବତ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ ।

# କଲଭର୍ଟ ଭିତରେ ୨ଛୁଆ ସହ ମାଆ ଭାଲୁ

**ନବରଙ୍ଗପୁର,୨୫।୧୦(ବି.ପ୍ର.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଖୁଣ୍ଟିଆ ଗାଁ ରାସ୍ତା କଲଭର୍ଟ ଭିତରେ ଏକ ମାଇ ଭାଲୁ ଦୁଇଟି ଛୁଆ ଜନ୍ମ ଦେଇଛି। ମାଆ ଭାଲୁ ଛୁଆ ସହ ରହିଥିବା ଯୋଗୁ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଲୋକମାନେ ଏବେ ଭୟରେ। ଖବରପାଇ ତେନ୍ତୁଳିଖୁଣ୍ଟି ସେକ୍ସନ ବନପାଳ ଅସିତ ସାହୁ ଓ ନବରଙ୍ଗପୁର ବନାଞ୍ଚଳ ଭାରପ୍ରାପ୍ତ ରେଞ୍ଜର ସେତୁ ରଞ୍ଜନୀ ଗମାଙ୍ଗଙ୍କ ସମେତ ବନ ବିଭାଗ ୱାଇଲ୍ଡ ଲାଇଫ ଟିମ ଉକ୍ତ ସ୍ଥାନରେ ଜଗି ରହିଛନ୍ତି। ଭାଲୁମାନେ ସୁରକ୍ଷିତ ସ୍ଥାନକୁ କିପରି ଯିବେ ସେଥିପ୍ରତି ବନବିଭାଗ ଗୁରୁତ୍ୱ ଦେଉଛି।

# ଜେସିବି ଚାଳକ ସଂଘ ବୈଠକ

**ଚନ୍ଦାହାଣ୍ଡି, ୨୫।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଫୁଲଝରୀ ଡ୍ୟାମରେ ଜେସିବି ଚାଳକ ସଙ୍ଘର ଏକ ବୈଠକ ଗଣେଶ ଖରସେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ୨୫ରୁ ଉର୍ଦ୍ଧ୍ୱ ଚାଳକ ଯୋଗ ଦେଇଥିଲେ। ଅନ୍ୟ ଗାଡି ଚାଳକଙ୍କୁ ବର୍ଷ ତମାମ ମାଲିକମାନେ ସେମାନଙ୍କ ପାରିଶ୍ରମିକ ଦେଉଥିବା ବେଳେ ଜେସିବି ଚାଳକଙ୍କୁ ବର୍ଷର ୯ ମାସ ପାରିଶ୍ରମିକ ମିଳୁଛି। ସେମାନଙ୍କ ପରିଚୟ ଜେସିବି ଚାଳକ ହୋଇଥିବାରୁ ବଳକା ତିନିମାସ କୌଣସି ମାଲିକ ଅନ୍ୟ କାର୍ଯ୍ୟରେ ନିୟୋଜିତ କରୁ ନାହାନ୍ତି। ମାଲିକମାନେ ସେମାନଙ୍କ ପରିବାର କଥା ବୁଝୁ ନ ଥିବା କ୍ଷୋଭର ସହ କହିଥିଲେ। ଦୈନିକ ଆଠ ଘଣ୍ଟା କାର୍ଯ୍ୟ, ମାଲିକମାନେ ସେମାନଙ୍କ ଦୁଃଖ ବୁଝି ବର୍ଷା ମାସରେ ୫୦%ପାରିଶ୍ରମିକ, ଅନ୍ୟ ରାଜ୍ୟର ଜେସିବି ଗାଡିକୁ ନିଜ ବ୍ଲକରେ ଚଳାଇ ନ ଦେବାକୁ ଆଲୋଚନା ହୋଇଛି। ବୈଠକରେ ଯୁଧେଷ୍ଟି ବାଘ, ପ୍ରଦୀପ ନାୟକ, ସୁରେଶ ସୁନା, ମୋହନ ଗୋପାଳ, ଭୁବନ ନାୟକ, ଇନ୍ଦ୍ର ମାଝି, ପୁସ୍ତମ ମାଝି ପ୍ରମୁଖ ଯୋଗ ଦେଇଥିଲେ।

# କାର୍ଯ୍ୟବନ୍ଦ ଆନ୍ଦୋଳନରେ ସମବାୟ ସମିତି କର୍ମଚାରୀ



ଆନ୍ଦୋଳନରେ ସାମିଲ ହୋଇଥିବା ସମବାୟ ସମିତି କର୍ମଚାରୀମାନେ।

**କୋରାପୁଟ,୨୫।୧୧(ସ୍ୱ.ପ୍ର.)**

ସମାନ କାମକୁ ସମାନ ଦରମା, ଲ୍ୟାମ୍ପସରେ କାର୍ଯ୍ୟକରୁଥିବା ସମସ୍ତ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ମହଙ୍ଗା ଭତ୍ତା ଓ ଇପିଏଫ୍ ଲାଗୁ କରିବା ଦାବିରେ ଓଡିଶା ସମବାୟ କର୍ମଚାରୀ ମହାସଂଘ ଦାବି କରିଛି। ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି।

ଅବିଭକ୍ତ କୋରାପୁଟ ଜିଲା ସମବାୟ କର୍ମଚାରୀ ସଂଘର କମକର୍ତ୍ତାମାନେ କୋରାପୁଟ ମଣ୍ଡଳ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଗତ ୧୪ ତାରିଖରୁ କଳାବ୍ୟାଜ ପିନ୍ଧି ଆନ୍ଦୋଳନ ଚାଲିଥିଲା। ଦାବି ପୂରଣ ନ ହେବାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଥିବା ସଙ୍ଗଠନ ସମ୍ପାଦକ ଉଲ୍ଲାସ ସ୍ୱାଇଁ କହିଛନ୍ତି। ଦାବି ପୂରୁଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ ଅବିଭକ୍ତ କୋରାପୁଟ ଜିଲାର ଶତାଧିକ କର୍ମଚାରୀ ସାମିଲ ହୋଇ ସହାକରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

# ପାନୀୟ ଜଳ ପାଇଁ ୪୬୨ କୋଟି ମଞ୍ଜୁର

**କୋରାପୁଟ ,୨୫।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲାରେ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଜେଜେଏମ୍ ଯୋଜନାରେ ୪୬୨ କୋଟି ୪୮ ଲକ୍ଷ ୬୮ହଜାର ଟଙ୍କା ମଞ୍ଜୁର କରିଥିବା ନେଇ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। କୋରାପୁଟ ଜିଲାର ଦଶମନ୍ତପୁର, ଲକ୍ଷ୍ମୀପୁର, ନନ୍ଦପୁର, ସେମିଳିଗୁଡା, ନାରାୟଣପାଟଣା ଓ ବନ୍ଧୁଗାଁ ଆଦି ୬ ବ୍ଲକର ୫୪ ପଞ୍ଚାୟତ ୫୬୮ଗ୍ରାମ ପାଇଁ ଜେଜେଏମ ଯୋଜନାରେ ମେଗା ଜଳଯୋଗାଣ ପ୍ରକଳ୍ପ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୨ଲକ୍ଷ ୫୦ ହଜାର ଜନସାଧାରଣ ଉପକୃତ ହେବେ। କୋରାପୁଟ ଜିଲାବାସୀଙ୍କ ଆବଶ୍ୟକତାକୁ ମୁଖ୍ୟମନ୍ତ୍ରୀ ପୂରଣ କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ପୁର୍ବବାର ଏଭଳି ଜନ କଲ୍ୟାଣ ଯୋଜନା ପ୍ରଦାନ କରିଥିବାରୁ କୋରାପୁଟ ଜିଲାବାସୀଙ୍କ ପକ୍ଷରୁ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜାତୀୟ ରାଜପଥରୁ ଜବରଦଖଲ ଉଚ୍ଛେଦ

**ଜୟପୁର, ୨୫।୧୧(ନି.ପ୍ର.)**

ଜୟପୁର ସହରରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସହର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ଟ୍ରାଫିକ ଛକ ନିକଟରୁ ସ୍ଥାନୀୟ ଖ୍ରୀଷ୍ଟିଆନପେଟା ପର୍ଯ୍ୟନ୍ତ ଜବରଦଖଲ ହଟାଯାଇଛି। ଉଚ୍ଛେଦ ସମୟରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ରାସ୍ତାର ଉଭୟ କଡରେ ବ୍ୟବସାୟୀମାନେ ଜବର ଦଖଲ କରି ରଖିଥିବାରୁ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟୁଥିଲା। ସହରର ସୌନ୍ଦର୍ଯ୍ୟକରଣ କାମ ବି ଆରମ୍ଭ ହୋଇଛି। ତେଣୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯାଇଥିଲା। ତଥାପି ମଧ୍ୟ ଜବରଦଖଲକାରୀ ନିଜେ ଉଠି ନ ଥିବାରୁ ପୌରପାଳିକା ପୋଲିସ ଉପସ୍ଥିତିରେ ଉଚ୍ଛେଦ କାମ ଆରମ୍ଭ କରିଥିଲା ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ଗୁଲି ଆମ୍ବା ଓ ଅତିରିକ୍ତ ତହସିଲଦାର ମାନସ ଘଡେଇ କହିଛନ୍ତି।



ଆଇନ ଶୃଙ୍ଖଳା ପାଇଁ ପୋଲିସ ରହିଛି ବୋଲି ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ତରବରିଆଭାବେ ପଅଶାସନ ଜବର ଦଖଲ ଉଚ୍ଛେଦ କରିଛି କହି ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ମଦଦୋକାନ ମ୍ୟାନେଜରଙ୍କୁ ମରଣାନ୍ତକ ଆକ୍ରମଣ

**ନବରଙ୍ଗପୁର,୨୫।୧୧(ବି.ପ୍ର.)**

ମାଗଣା ମଦ ନ ଦେବାରୁ ଦୋକାନ ମ୍ୟାନେଜରଙ୍କୁ କେକତେଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରଣ କରିଛନ୍ତି। ପୋଲିସ ଜଣେ ଆକ୍ରମଣକାରୀଙ୍କୁ ଗିରଫ କରିଛି। ନବରଙ୍ଗପୁରରେ ଏଭଳି ଘଟଣା ଘଟିଛି। ନବରଙ୍ଗପୁର ମଙ୍ଗଳମ୍ ଟିମ୍ବର ରାସ୍ତାରେ ଥିବା ବିଦେଶୀ ମଦ ଦୋକାନକୁ ୫ ଜଣ ଯୁବକ ଯାଇ ମାଗଣା ମଦ ମାଗିଲେ। ମାଗଣାରେ ମଦ ଦେଇ ହବ ନାହିଁ ବରଂ କିଛି ଟଙ୍କା କାଟ କରି ଦେଇ ହେବ ବୋଲି କହିବାରୁ ଦୋକାନ ମ୍ୟାନେଜର ଦିପକ ପ୍ରସାଦଙ୍କୁ ଜଣେ ଯୁବକ ଖଣ୍ଡାରେ ଆକକ୍ରମଣ କରିଥିଲେ। ଗୁରୁତର ଦୀପକଙ୍କୁ ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ସିଦ୍ଧାର୍ଥ ମିଶ୍ରଙ୍କୁ ପୋଲିସ ଗିରଫ କରିବା ସହ ଅନ୍ୟ ୪ ଜଣଙ୍କୁ ଖୋଜାଖୋଜି କରୁଛି। ନବରଙ୍ଗପୁର ଥାନାରେ କେସ ନମ୍ବର ୧୧୫/୨୧ରେ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ତାରିକ ଅହମ୍ମଦ କହିଛନ୍ତି।

# ଦରଦାମ ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସର ଶୋଭାଯାତ୍ରା




କଂଗ୍ରେସ କର୍ମୀମାନେ ସହର ପରିକ୍ରମା କରୁଛନ୍ତି।

**ଉମରକୋଟ, ୨୫।୧୧(ସ୍ୱ.ପ୍ର.)**

ଦିନକୁ ଦିନ ବଢ଼ି ଚାଲିଥିବା ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଯୋଗୁ ଖାଉଟି ହାହାକାର କଲେଣି। ତଥାପି ଏହି ଦରଦାମ୍ ବୃଦ୍ଧିରେ ବ୍ରେକ୍ ଲଗାଇବାରେ ବିଫଳ ହୋଇଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ଜଣେ ଅନ୍ୟ ଉପରେ ଦୋଷ ଦେଇ ଦରଦାମ ବଢ଼ାଇ ଚାଲିଛନ୍ତି। କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲ ସହ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ବଢ଼ାଇ ଚାଲିଥିବା ବେଳେ ରାଜ୍ୟ ସରକାର ମଧ୍ୟ ବୋଝ ଉପରେ ଲଳିତା ବିଡ଼ା ସଦୃଶ ବିଜୁଳି ଦର ବଢାଉଛନ୍ତି। ଏଥି ସହ ଲୋକଙ୍କୁ ସଚେତନ କରିବା ପାଇଁ ଉମରକୋଟ ସହରରେ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇ ଯୁବ କଂଗ୍ରେସ ନଗର ପରିକ୍ରମା କରିଛି। ଏହି ଶୋଭାଯାତ୍ରାରେ ବ୍ଲକ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଦ୍ୱାରିକା ମହାପାତ୍ର, ଜିଲା ଯୁବ କଂଗ୍ରେସ ଉପସଭାପତି କୁନା ସାହୁ, ଉମରକୋଟ ନଗର ସଭାପତି ମାର୍କଣ୍ଡ ସାହୁ, ସୁରେନ୍ଦ୍ର ନାୟକ ଉସମାନ ଲାଠିଆ, ବାବୁଲା ପଟ୍ଟନାୟକ, ଭୁବନ ମାଝି, ଛାତ୍ର କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ନାୟକ, ଶଙ୍କର ଦେ, ପ୍ରଫୁଲ୍ଲ ମହାପାତ୍ର, ଝରିଗାଁ ବ୍ଲକ ସଭାପତି ତମ୍ପୁଦାସ ପନକା, ପେଣ୍ଡ୍ରା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ରତାଲୁପଡ଼ା ଗ୍ରାମବାସୀଙ୍କୁ ଚୁଆପାଣି ଭରସା

**ଝରିଗାଁ,୨୫।୧୧(ସ୍ୱ.ପ୍ର.)**

- ମୌଳିକ ସୁବିଧାରୁ ବଞ୍ଚିତ ରତାଲୁପଡ଼ା ଗ୍ରାମବାସୀ
- ଗାଁକୁ ନାହିଁ ପକ୍କାରାସ୍ତା, ବିଦ୍ୟୁତ୍ ସୁବିଧା

ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଅନେକ ଗାଁକୁ ଏ ପର୍ଯ୍ୟନ୍ତ ପାନୀୟ ଜଳର ସୁବିଧା ପହଞ୍ଚି ପାରିନାହିଁ। ଏବେବି ଲୋକେ ଚୁଆ ଉପରେ ନିର୍ଭର କରୁଛନ୍ତି। ସେହିପରି ପକ୍କାରାସ୍ତା ଏବଂ ବିଜୁଳି ଆଲୁଅ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତର ରତାଲୁପଡ଼ା ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି।

ଗାଁରେ ଭତ୍ରା ସମ୍ପ୍ରଦାୟର ୧୦ ପରିବାରର ପ୍ରାୟ ୪୦ ଲୋକ ରହୁଛନ୍ତି। ପାନୀୟ ଜଳ ସକାଶେ ଗ୍ରାମବାସୀ ୧ କି.ମି. ଦୂର ଜଙ୍ଗଲ ମଧ୍ୟରେ ଥିବା ଉଦେଲପାନି ନାଳ ଉପରେ ନିର୍ଭର କରୁଛନ୍ତି। ନାଳରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ବର୍ଷାଦିନେ ଗୋଳିଆପାଣି ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଦୂଷିତ ପାଣି ପିଇ ଶିଶୁମାନେ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ଗ୍ରାମବାସୀ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସମାଧାନର କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗାଁର ପଦମ ଭତ୍ରା, ସମ୍ଭାରୁ ଭତ୍ରା, ସୁକମନ ଭତ୍ରା, ଜୟରାମ ଭତ୍ରା, ପୂର୍ଣ୍ଣ ଭତ୍ରା, ଧନ ସିଁ ଭତ୍ରା, ରନାଇ ଭତ୍ରା, କମାଇ ଭତ୍ରା, ମେନକା ଭତ୍ରା ପ୍ରମୁଖ ଅଭିଯୋଗ କରିଛନ୍ତି।

କେବଳ ପାନୀୟ ଜଳ ସମସ୍ୟା ନୁହେଁ ଗାଁକୁ ପକ୍କାରାସ୍ତା ଓ ବିଜୁଳି ଆଲୁଆ ମଧ୍ୟ ଅପହଞ୍ଚ ହୋଇଛି। ସରକାରୀ ଯୋଜନାରେ ଗାଁର କେତେଜଣ ହିତାଧିକାରୀ ରାଶନ କାର୍ଡ ସହ ପକ୍କାଗୃହ ପାଇଛନ୍ତି। ହେଲେ ଅନ୍ୟ ସମସ୍ତ ସୁବିଧାରୁ ବଞ୍ଚିତ ଥିବା କହିଛନ୍ତି। ଭଲ ରାସ୍ତା ନ ଥିବାରୁ ଗାଁର ପିଲାମାନେ ଜଙ୍ଗଲ ରାସ୍ତା ଅତିକ୍ରମ କରି ଦେଢ଼ କି.ମି. ଦୂର ଡକରିକୋଟ ଗ୍ରାମରେ ଥିବା ବିଦ୍ୟାଳୟକୁ ଭୟଭୀତ ଅବସ୍ଥାରେ ଯାଉଥିଲେ। କରୋନା ପରଠାରୁ ଘରେ ରହି ମା', ବାପାଙ୍କୁ ଚାଷ କାମରେ ସାହାଯ୍ୟ କରୁଥିବା ପରିବାର ଲୋକେ କହିଛନ୍ତି। ସେହିପରି ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ୬ ବର୍ଷ ତଳେ ଖୁଣ୍ଟ ପୋତାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନାହିଁ। ଏ ନେଇ ସ୍ଥାନୀୟ ବିଡିଓ ସତ୍ୟ ନାରାୟଣ ମେହେରଙ୍କୁ ପଚାରିବାରୁ ଜଳ ଜୀବନ ମିଶନ ଯୋଜନାରେ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ସେହିପରି ଗାଁକୁ ପକ୍କାରାସ୍ତା ସହ ବିଦ୍ୟୁତ୍ ସଂଯୋଗ ନେଇ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଗ୍ରାମବାସୀ ଚୁଆରୁ ପିଇବା ପାଣି ସଂଗ୍ରହ କରୁଛନ୍ତି।

# ମିଶନ ଶକ୍ତି ଫେଡେରେଶନ ବୈଠକ



**କୋରାପୁଟ ,୨୫।୧୧,(ସ୍ୱ.ପ୍ର.)**

କୋରାପୁଟ ଜିଲା ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ଫେଡେରେଶନର ବୈଠକ ଗୁରବାର ସ୍ଥାନୀୟ ଅଙ୍ଗନୱାଡି କର୍ମୀ ତାଲିମ କେନ୍ଦ୍ର ସଭାଗୃହଠାରେ ଅନୁଷ୍ଠିତ ହୋଇଛି। ମିଶନ ଶକ୍ତି ବିଭାଗ ଦ୍ୱାରା ଗଠିତ ପଞ୍ଚାୟତ ଫେଡେରେଶନ ବୈଠକରେ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଯୋଗଦେଇଥିଲେ। ଫେଡେରସନର ବ୍ୟାଙ୍କ ସଂଯୋଗିକରଣ, ପରିଚାଳନା ସମ୍ପର୍କରେ ଉପସ୍ଥିତ ସଭାନେତ୍ରୀ ତଥା ସମ୍ପାଦିକାଙ୍କୁ ପଚାରି ବୁଝିଥିଲେ। ଏହି ବୈଠକରେ ଲମତାପୁଟ ସିଡିପିଓ ସନ୍ଧ୍ୟାରାଣୀ ପାତ୍ର, କୋରାପୁଟ ସଦର ସିଡିପିଓ ସୁଷମା ମହାପାତ୍ର, ମିଶନ ଶକ୍ତି ଡିପିସି ଜୟକୃଷ୍ଣ ମହାପାତ୍ର, ଓଡିଶା ଜିବିକା ମିଶନ ଡିପିଏମ ସସ୍ମିତା ସାମନ୍ତରାୟ, ଡିପିଏମ୍ ଏବଂ ଡିପିସିମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାରମ୍ବାର ହେଲିକପ୍ଟର ବୁଲିବାକୁ ନେଇ ଭୟ

ଦୁର୍ଗୀ,୨୫।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ବ୍ଲକର ଦୁର୍ଗୀଠାରେ ଗୁରୁବାର ଏକ କୌତୂହଳ ଘଟଣା ଘଟିଯାଇଛି। ଅପରାହ୍ନରେ ଏକ ହେଲିକପ୍ଟର ୩ଥର ୧୦ ମିନିଟ ପର୍ଯ୍ୟନ୍ତ ଅଞ୍ଚଳରେ ବୁଲିବା ଦେଖି ଲୋକେ ଭୟରେ ଘରେ ପଶିଯାଇଥିବା ଦେଖାଯାଇଥିଲା। ପ୍ରଥମେ କେହି ମନ୍ତ୍ରୀ କିମ୍ବା ଭିଆଇପି ଆସିବେ ବୋଲି ହେଲିକପ୍ଟର ମାଧ୍ୟମରେ ଅନୁଧ୍ୟାନ କରାଯାଉଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ତେବେ ସେଭଳି କୌଣସି ବ୍ୟକ୍ତି ଆସୁଥିବା ନେଇ ପୂର୍ବରୁ ସୂଚନା ନ ଥିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। କିନ୍ତୁ ହେଲିକପ୍ଟର ବୁଲିବାର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରି ନ ଥିଲା।

### ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀ ମୃତ

ନବରଙ୍ଗପୁର,୨୫।୧୧(ବି.ପ୍ର.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଜେଠିଗୁଡ଼ା-ଡେଙ୍ଗାତୋଟାଗୁଡ଼ା ରାସ୍ତାରେ ଏକ ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେଲଗାଁର ଦୈତାରୀ ସୌରା(୬୫)। ଘଟଣାସ୍ଥଳରେ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ପହଞ୍ଚି ଟ୍ରାକ୍ଟର ଜବତ କରିବା ସହ ମୃତଦେହ ଜବତ କରି ତଦନ୍ତ ଚଲାଇଛି। ଦୈତାରୀ ବାର୍ଦ୍ଧକ୍ୟ ଭତ୍ତା ପାଇଁ ସିନ୍ଧିଗୁଡା ଗାଁକୁ ଯାଇ ସାଇକଲ ଯୋଗେ ବେଲଗାଁ ଫେରୁଥିଲେ। ଏହି ସମୟରେ ଟ୍ରାକ୍ଟର ଧକ୍କା ଦେଇଥିଲା।

### ଦଶମ ଶ୍ରେଣୀ ପିଲାଙ୍କୁ ସହାୟତା କଲେ ଫାଣ୍ଡି ଅଧିକାରୀ

ଖାକି ପୋଷାକ ମଧ୍ୟରେ କୋମଳ ହୃଦୟ




କୁଡୁମୁଲୁଗୁମ୍ମା,୨୫।୧୧(ଡି.ଏନ୍.ଏ.)- ମାନବିକ ମୂଲ୍ୟବୋଧ ଓ ସାମାଜିକ ଉତ୍ତର ଦାୟିତ୍ୱ ନିର୍ବାହ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଜଣେ ପୋଲିସ ଅଧିକାରୀ। ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଫାଣ୍ଡି ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଅଧ୍ୟୟନ କରୁଥିବା ଦଶମ ଶ୍ରେଣୀ ଆର୍ଥିକ ଦୁର୍ବଳ ପିଲାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ପ୍ରତ୍ୟେକ ପିଲାଙ୍କୁ ସମ୍ମାନୀତ କରିବା ସହ ପାଠପଢ଼ା ନିମନ୍ତେ ଟେଷ୍ଟପେପର, କଲମ, ଖାତା ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଏଥିରେ ଅତିଥିଭାବେ ଦୀଲିପ କୁମାର ଗଣ୍ଡ,(ପ୍ରଧାନ ଶିକ୍ଷକ, ନୋଡାଲ ଉଚ୍ଚ ବିଦ୍ୟାଳୟ) ସହକାରୀ ଶିକ୍ଷକ ବିଜୟ କୁମାର ସାହୁ, କୁଡୁମୁଲୁଗୁମ୍ମାର ଯୁବ କବି ବଳରାମ ପୂଜାରୀ, ସହକାରୀ ସବ୍ ଇନ୍ସପେକ୍ଟର କମଳ ଲୋଚନ ନାୟକ, ଖବରଦାତା ହୃଷୀକେଶ ସେଠୀ, ଜ୍ୟୋତିରଞ୍ଜନ ବେହେରା, ଶିକ୍ଷକ ସୁଧାକର ନାୟକ, ନିର୍ମଳ କୁମାର ଦାଶ, କୁଡୁମୁଲୁଗୁମ୍ମା ପୋଲିସ ଫାଣ୍ଡିର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଫାଣ୍ଡି ଅଧିକାରୀ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ହାରି ନ ଯାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଆହ୍ୱାନ କରିଥିଲେ।

### କନ୍ଧମାଳ ହଳଦୀ ପତ୍ରର ଚାହିଦା

ବଲସକୁମ୍ପା,୨୫।୧୧: କନ୍ଧମାଳ ହଳଦୀ ସାରା ବିଶ୍ୱ ପରିଚିତ। ଏବେ ଲକ୍ଷ୍ମୀ ପୂଜା ଓ ପ୍ରଥମାଷ୍ଟମୀ ଥିବାରୁ ହଳଦୀ ପତ୍ରର ଚାହିଦା ରହିଛି। ହଳଦୀ ପତ୍ରରେ ପ୍ରସ୍ତୁତ ହେଉଥିବା ପିଠା ବେଶ୍ ସୁଆଦିଆ ତେଣୁ ଜିଲା ଓ ଜିଲା ବାହାର ବ୍ୟବସାୟୀ ଏବଂ ଯାତ୍ରୀମାନେ ଏହି ହଳଦୀ ପତ୍ର କିଣି ନିଅନ୍ତି। ସକାଳୁ ମହିଳାମାନେ କହଁଲିଆ ହଳଦୀ ପତ୍ର ସଂଗ୍ରହ କରି ୧୦ ଟଙ୍କାରେ ୧୦ଟି ବିଡ଼ା ବାନ୍ଧି ରାସ୍ତା କଡ଼ରେ ଏବଂ ବଜାରରେ ଆସି ବିକ୍ରି କରନ୍ତି। କିନ୍ତୁ କରୋନା ମହାମାରୀ ଯୋଗୁ ଏବେ ବେଶୀ ହଳଦୀ ପତ୍ର ବିକାଳୀ ଦେଖା ଯାଉନାହାନ୍ତି। ଦାରିଙ୍ଗିବାଡି, ସୀମନବାଡି, କ ନୂଆଁ ଗାଁ, ବାଲିଗୁଡ଼ା ଅଞ୍ଚଳରେ ମହିଳାମାନେ ବିଡ଼ା ବାନ୍ଧି ବିକ୍ରି କରୁଥିବା ବେଳେ ଖଜୁରିପଡ଼ା ବ୍ଲକର ହଳଦୀ ଚାଷୀମାନେ ଏହି ପତ୍ର ବିକ୍ରି ସମ୍ବନ୍ଧରେ ଅବଗତ ନ ଥିବାରୁ ଦୁଇ ପଇସା ରୋଜଗାର କରିବାରୁ ବଞ୍ଚିତ ହେଉଛନ୍ତି।

# ସିଟ୍ ବୃଦ୍ଧି କରାଯାଉଛି, ପୂରଣ ହୋଇପାରୁନି

**ମାଲକାନଗିରି ଜିଲାର ୪ କଲେଜକୁ ନୋଟିସ**

ମାଲକାନଗିରି,୨୫।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲାର ୪ମହାବିଦ୍ୟାଳୟକୁ ଜୟପୁରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜିଲାର ବାଲିମେଳା ବିଜ୍ଞାନ ବୈଷୟିକ ମହାବିଦ୍ୟାଳୟ, ମାଥିଲିସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟ, କୁଡୁମୁଲୁଗୁମ୍ମାସ୍ଥିତ ଡାରୱିନ୍ ମେମୋରିଆଲ କଲେଜ ଓ ଗୋବିନ୍ଦପାଲ୍ଲୀସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟକୁ ଏହି ନୋଟିସ ଜାରି କରାଯାଇଛି। କିଛିଦିନ ତଳେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ହୋଇଥିବା ସମୀକ୍ଷା ବୈଠକରେ ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ୨୦୧୬-୧୭ ରୁ ୨୦୨୦-୨୧ ମଧ୍ୟରେ ଯୁକ୍ତ ୩ ରେ ସିଟ୍ ସଂଖ୍ୟା ୧୨୮ ରୁ ୨୫୦କୁ ବୃଦ୍ଧି କରାଯାଇଥିଲା। କିନ୍ତୁ ଏହି ବର୍ଷଗୁଡ଼ିକ ମଧ୍ୟରେ ମାତ୍ର ୧୧୧, ୧୧୩, ୧୪୩, ୧୪୪ ସିଟ୍ ପୂରଣ ହେଉଛି। ତେବେ ସିଟ୍ ବୃଦ୍ଧି ସତ୍ତ୍ୱେ କେଉଁ କାରଣରୁ ତାହା ପୂରଣ ହୋଇ ପାରୁନାହିଁ ସେ ନେଇ ନୋଟିସ ମାଧ୍ୟମରେ ଜବାବ ତଲବ କରାଯାଇଛି। ସେହିପରି କୁଡୁମୁଲୁଗୁମ୍ମା ଡାରୱିନ୍ ମେମୋରିଆଲ କଲେଜରେ ନୂତନ ଭାବେ ସାମ୍ବାଦିକତା ଓ ଗଣଯୋଗାଯୋଗ ଏବଂ ଇଂଲିଶ ସ୍ନାତକ ବିଷୟ ଆରମ୍ଭ ହୋଇଥିବାବେଳେ ୧୬ ସିଟ୍ ମଧ୍ୟରୁ ମାତ୍ର ୩ ସିଟ୍ ପୂରଣ ହୋଇଛି। ତେଣୁ ଏହି ଦୁଇ ବିଷୟକୁ କାହିଁକି ଉଚ୍ଛେଦ କରାଯିବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ କରାଯାଇଛି। ବାଲିମେଳା ବିଜ୍ଞାନ ବୈଷୟିକ ମହାବିଦ୍ୟାଳୟରେ ଗତ ଚାରିବର୍ଷ ମଧ୍ୟରେ ସିଟ୍ ସଂଖ୍ୟା ୧୨୮ରୁ ୨୫୬କୁ ବୃଦ୍ଧି କରାଯାଇଛି। କିନ୍ତୁ ପୂର୍ବଭଳି ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୨୨ ମଧ୍ୟରେ ସୀମିତ ରହିଛି। ତେଣୁ ସିଟ୍ ସଂଖ୍ୟା କମାଇବା ପାଇଁ ନିର୍ଦ୍ଦେଶ ହୋଇଛି। ମାଥିଲିସ୍ଥିତ ଗୋପବନ୍ଧୁ ମହାବିଦ୍ୟାଳୟରେ ମଧ୍ୟ ସମୀକ୍ଷା ସମୟରେ ଅନିୟମିତତା ହୋଇଥିବା ଦର୍ଶାଯାଇ ଥିବାବେଳେ ସମୀକ୍ଷା ବୈଠକରେ କଲେଜ ଅଧ୍ୟକ୍ଷ ଉପସ୍ଥିତ ନ ରହି ଜଣେ କିରାଣିଙ୍କୁ ଦାୟିତ୍ୱ ଦେଇ ଚାଲିଯାଇଥିଲେ। ସେହିପରି ଆବଶ୍ୟକ ରେକର୍ଡ ଠିକ୍‌ଭାବେ ଉପସ୍ଥାପନ କରା ନ ଯିବା, କଲେଜର ପ୍ରବେଶ ଦ୍ୱାରରେ ସାଇନ୍ ବୋର୍ଡ ନ ଥିବା, ପରିମଳ ବ୍ୟବସ୍ଥା ଠିକ୍ ନ ଥିବା ଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ କଲେଜ ପରିଚାଳନା କମିଟିର କାର୍ଯ୍ୟକାଳ ୨୦୨୦ ଅକ୍ଟୋବର ୧୨ରୁ ସରିଥିଲେ ମଧ୍ୟ ନୂତନ ପରିଚାଳନା କମିଟି ଗଠନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିବା ଆଞ୍ଚଳିକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ମୁନିଗୁଡ଼ାରେ କଂଗ୍ରେସର ଜନଜାଗରଣ ଯାତ୍ରା

ମୁନିଗୁଡ଼ା/ରାୟଗଡ଼ା ଅଫିସ,୨୫।୧୧(ଡି.ଏନ୍.ଏ.)



କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓ ଦଳୀୟ ନେତାମାନେ ଜନ ଜାଗରଣଯାତ୍ରାରେ ବାହାରିଛନ୍ତି ।

**ଏମ୍‌ପିଙ୍କ ଉପସ୍ଥିତିରେ କଂଗ୍ରେସରେ ମିଶିଲେ ଶତାଧିକ**

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଗୁରୁବାର ମୁନିଗୁଡ଼ା ଗସ୍ତରେ ଆସି ଦଳୀୟ ବୈଠକ, ମିଶ୍ରଣ ପର୍ବ, ଜନ ଜାଗରଣ ଯାତ୍ରା ଓ ସମୀକ୍ଷା ବୈଠକ ଓ କ୍ଲବ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁନିଗୁଡ଼ା ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାର ଓ ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରାଙ୍କ ମିଳିତ ନେତୃତ୍ୱରେ ପ୍ରଥମେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଗୋଡିଗୁଡ଼ାଠାରେ ଦଳୀୟ ବୈଠକରେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିପରି ଏକତ୍ରିତ ହୋଇ କାର୍ଯ୍ୟ କରିବ ଏବଂ ସମସ୍ତ ସରପଞ୍ଚ, ଜିଲା ପରିଷଦ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ଆସନ ଅକ୍ତିଆର କରିବ ସେ ନେଇ ଦଳୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଏମ୍‌ପିଙ୍କ ଉପସ୍ଥିତିରେ ଶତାଧିକ ଅନ୍ୟ ଦଳର କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ପରେ ଜନ ଜାଗରଣ ଯାତ୍ରାରେ ବାହାରି ଶହୀଦ ଲକ୍ଷ୍ମଣ ନାୟକ କ୍ଲବଠାରେ ପହଞ୍ଚିଥିଲେ। ସେଠାରେ ନୂତନ କ୍ଲବ ଗୃହ ଉଦ୍‌ଘାଟନ କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦିଲୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଗସ୍ତବେଳେ ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଏସ୍‌ସି ସେଲ୍‌ର ଜିଲା ଉପାଧ୍ୟକ୍ଷ ରମେଶ ପାଲକା, ଓବିସି ସେଲ୍ ଜିଲା ସଭାପତି ପ୍ରସାଦ ମହାଙ୍କୁଡ଼, ଦଳୀୟ ନେତା ଭି.ଚନ୍ଦ୍ରଶେଖର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ମଦଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧକଲେ ମୋଟୁବାସୀ

ଏମ୍‌ଭି ୭୯(ଡି.ଏନ୍.ଏ.) ୨୫।୧୧(ଡି.ଏନ୍.ଏ.)

**ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ**

ମାଲକାନଗିରି ଜିଲା କାଲିମେଲା ବ୍ଲକ ସୀମାନ୍ତ ମୋଟୁଠାରେ ବିଦେଶୀ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରି ସରପଞ୍ଚ ସୋଡ଼ି ମୁନାଙ୍କ ଉପସ୍ଥିତରେ ଗୁରୁବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗାଁରେ ମଦଦୋକାନ ଖୋଲିବାକୁ ଦିଆଯିବ ନାହିଁ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ମଦଦୋକାନ ପ୍ରତିବାଦରେ ଗ୍ରାମବାସୀ ମୋଟୁ ଥାନା ଅଧିକାରୀ, ତହସିଲ ଅଧିକାରୀ ଏବଂ ଅବକାରୀ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗାଁରେ ଜଣେ ବ୍ୟକ୍ତି ଦେଶୀ ମଦଦୋକାନ କରିଥିବାବେଳେ ଏବେ ପୁଣି ଉକ୍ତ ସ୍ଥାନରେ ବିଦେଶୀ ମଦଦୋକାନ କରିବାକୁ ପ୍ରସ୍ତୁତି ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଦ ଯୋଗୁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ତେଣୁ ପ୍ରଶାସନ ଶୀଘ୍ର ଏ ନେଇ ପଦକ୍ଷେପ ନେଇ ମଦଦୋକାନ ନ ଖୋଲିବାକୁ ଦାବି ହୋଇଛି। ନଚେତ୍ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଷ୍ଟଲ୍ ଉଦ୍‌ଘାଟିତ




ମନ୍ତ୍ରୀ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପରଖୁଛନ୍ତି ।

ଚନ୍ଦ୍ରପୁର,୨୫।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ାସ୍ଥିତ ଇନ୍ଦିରାନଗରଠାରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଚନ୍ଦ୍ରପୁର ଗସ୍ତରେ ଆସିଥିବା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମିଲେଟ ମିଶନ ଏବଂ ପ୍ରଭାତ ଅନୁଷ୍ଠାନର ସହଯୋଗରେ ଖୋଲାଯାଇଥିବା ଏହି ଷ୍ଟଲ୍‌ରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ମିଳିବ। ଚାଷୀମାନେ ଅଧିକରୁ ଅଧିକ ମାଣ୍ଡିଆ ଚାଷକରି ନିଜେ ବ୍ୟବହାର କରିବା ସହ କିପରି ମଣ୍ଡିରେ ବିକ୍ରିକରି ଲାଭବାନ୍ ହୋଇପାରିବେ ତାହା ହିଁ ଲକ୍ଷ୍ୟ ବୋଲି ପ୍ରଭାତ ଅନୁଷ୍ଠାନର ସମ୍ପାଦକ ସୁରେଶ ଚନ୍ଦ୍ର ମିଶ୍ର କହିଛନ୍ତି। ସମ୍ମାନିତ ଅତିଥି ରୂପେ ସରପଞ୍ଚ ଧାନୁମାଝି କୁମୁରୁକା, ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା, ଚନ୍ଦ୍ରପୁର ସିଡିପିଓ ଲଳିତା ପୂଜାରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବ୍ରେଡେକା, ପ୍ରଭାତ ଅନୁଷ୍ଠାନର ସିଇଓ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କଠାରୁ ଅନେକ ଶିଖିବାର ଅଛି

**୬୫ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ**

ମାଲକାନଗିରି,୨୫।୧୧(ଡି.ଏନ୍.ଏ.)

ପୃଥିବୀରେ ଦିବ୍ୟାଙ୍ଗମାନଙ୍କୁ ସୃଷ୍ଟିକର୍ତ୍ତା ଅପାର ଜ୍ଞାନ ଦେଇଛନ୍ତି। ସେମାନେ ବୈଜ୍ଞାନିକ, ଡାକ୍ତର, ଔପନ୍ୟାସିକ, ଲେଖକ ରୂପେ ସଫଳତା ହାସଲ କରିଥିବା ଦେଖିବାକୁ ମିଳିଛି। ଦିବ୍ୟାଙ୍ଗମାନଙ୍କୁ କେବେହେଲେ ଅବହେଳା କରାଯାଇ ନ ପାରେ। ସେମାନଙ୍କଠାରୁ ଅନେକ କିଛି ଶିଖିବାର ଅଛି ବୋଲି ବୁଧବାର ମାଲକାନଗିରି ସଦର ମହକୁମା ନଗର ଭବନଠାରେ ଜିଲାର ୬୫ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସାମଗ୍ରୀ ଓ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ କହିଛନ୍ତି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ମୁଖ୍ୟବକ୍ତା ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାସ, ସହକାରୀ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଅଧିକାରୀ ଅମରେନ୍ଦ୍ର କେଶରୀ ମହାପାତ୍ର, ସୀତାରାମ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ପ୍ରମୋଦ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରଥିଲେ।




ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

## ୫ ଦଫା ଦାବି ନେଇ ସମବାୟ କର୍ମଚାରୀଙ୍କ ଧାରଣା

ଗୁଣପୁର,୨୫।୧୧(ଡି.ଏନ୍.ଏ.)

ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ନ ଶୁଣିବାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ଚେତାବନି ଶୁଣାଇଛନ୍ତି ସମବାୟ କର୍ମଚାରୀ। ଏ ନେଇ ଗୁରୁବାର ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡର ୮ ସମବାୟ ସମିତିର କର୍ମଚାରୀ ୫ ଦଫା ଦାବି ନେଇ ଧାରଣା ଦେଇଥିଲେ। ଗତ ୮ତାରିଖରୁ ସେମାନେ କଳାବ୍ୟାଜ ପରିଧାନ କରିବା ସହ କାର୍ଯ୍ୟ ବନ୍ଦ କରି ପ୍ରତବାଦ କରିଥିଲେ। ଶେଷରେ ସଂଘ ପକ୍ଷରୁ ଗୁଣପୁରସ୍ଥିତ ସହକାରି ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ। କାର୍ଯ୍ୟାଳୟ ମୁଖ୍ୟ ଥିଓପିଲ ଶବରଙ୍କ ଜରିଆରେ ସଂଘ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସପ୍ତମ ବେତନ ଲାଗୁ, କର୍ମଚାରୀଙ୍କ ସ୍ୱାସ୍ଥ୍ୟବୀମା, ସେମାନଙ୍କୁ ସରକାରି ମାନ୍ୟତା, ମୃତ୍ୟୁ କାଳୀନ ଅର୍ଥ ସହାୟତା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ ରହିଛି। ଅବିଭକ୍ତ କୋରାପୁଟ ଜିଲା ସମବାୟ ସମିତି କର୍ମଚାରୀ ସଂଘର ଉପ ସଭାପତି ବିଶିକେଶନ ରଥ ଓ ଅନ୍ୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା।

## ଶିବଙ୍କ ଅକାଳ ବିୟୋଗ ଅପୂରଣୀୟ କ୍ଷତି: ଏମ୍‌ପି

**ବରଯାତ୍ରୀଙ୍କ ଉପରେ ଟ୍ରକ ମାଡ଼ିଯିବା ଘଟଣା**

ମାଲକାନଗିରି,୨୫।୧୧(ଡି.ଏନ୍.ଏ.)

ବରଯାତ୍ରୀଙ୍କ ଉପରେ ଟ୍ରକ୍ ମାଡ଼ିଯାଇ ବୁଧବାର ବରଙ୍କ ବାପା ତଥା ମାଲକାନଗିରି ଜିଲାର ବିଜେଡି ନେତା ତଥା ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ସରପଞ୍ଚଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଶିବ ଦୀର୍ଘ ବର୍ଷ ଧରି ଦଳରେ ଜଣେ ସକ୍ରିୟ ନେତା ରୂପେ କାର୍ଯ୍ୟ କରି ଆସିଥିଲେ। ତାଙ୍କ ବିୟୋଗରେ ଜିଲା ବିଜେଡିରେ ଶୋକର ଛାୟା ଖେଳିଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଶେଷ ଦର୍ଶନ କରିବା ସହ ଶୋକାକୁଳ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଜିଲା ଯୁବ ବିଜେଡି ସଭାପତି ଆଡମା ରାବା ତାଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ପ୍ରଦାନକରି ଶୋକ ପ୍ରକାଶ କରିଛନ୍ତି। ସେହିପରି ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ, ଛାତ୍ର ଜନତା ଦଳର ସଭାପତି ତାପସ ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଶିବଙ୍କ ଅକାଳ ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଏମ୍‌ପି କହିଛନ୍ତି।



ଜିଲା ବିଜେଡି ସଭାପତି ଶିବଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ଢାଙ୍କି ସମ୍ମାନ ଜଣାଉଛନ୍ତି।

## ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଶହୀଦ ସ୍ମୃତି କମିଟିର ସଭାପତି

ପାପଡ଼ାହାଣ୍ଡି,୨୫।୧୧,(ଡି.ଏନ୍.ଏ.)

ଶହୀଦ ସ୍ମୃତି କମିଟିର ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୋମନାଥ ବିଶୋୟୀ ବୁଧବାର ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଡାକ୍ତର ମନସ୍ମିତା ମହାନ୍ତି, ସୁଶାନ୍ତ ବେହେରାଙ୍କ ସହ ଆଲୋଚନା କରିଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଦମକଳ କେନ୍ଦ୍ର ଦାବି

**ଡଙ୍ଗାବୁଡ଼ି, ନଦୀରେ ଭାସିଯାଇ ଅନେକ ଜୀବନ ଯାଉଛି**

ଚିତ୍ରକୋଣ୍ଡା,୨୫।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୧୮ ପଞ୍ଚାୟତ ମଧ୍ୟରେ ଅଧିକାଂଶ ପଞ୍ଚାୟତ ନଦୀ ନାଳ ଘେରା ମଧ୍ୟରେ ରହିଛି। ପ୍ରତ୍ୟେକ ବର୍ଷ ବ୍ଲକ ଅଞ୍ଚଳରୁ ନଦୀରେ ଡ଼ଙ୍ଗା ବୁଡ଼ି ଏବଂ ଭରା ନଦୀରେ ଭାସିଯାଇ ଅନେକ ଲୋକଙ୍କ ମୃତ୍ୟୁ ଘଟୁଛି। କିନ୍ତୁ ପରିତାପର ବିଷୟ ହେଲା ବ୍ଲକ ଗଠନର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଚିତ୍ରକୋଣ୍ଡା ଅଞ୍ଚଳରେ ଅଗ୍ନିଶମ କେନ୍ଦ୍ରଟିଏ ସ୍ଥାପନ ହୋଇପାରିନାହିଁ। ଅଧିକାଂଶ ଗାଁକୁ ଯିବାକୁ ହେଲେ ନଦୀ, ନାଳ ଅତିକ୍ରମ କରି ଯିବାକୁ ହୁଏ। ହେଲେ ଦୁର୍ଘଟଣା ଘଟିଲେ ହଠାତ ଦମକଳ ସୁବିଧା ମିଳି ନ ଥାଏ। ଡଙ୍ଗାବୁଡି ଘଟଣା ଘଟିଲେ ଲୋକେ ନିଖୋଜ ହେଉଛନ୍ତି। ଚିତ୍ରକୋଣ୍ଡା ତହସିଲଦାର ଖବର ପାଇବା ପରେ ମାଲକାନଗିରି, ଗୁମା, କୋରୁକୋଣ୍ଡା କିମ୍ବା ମାଥିଲିଠାରୁ ୫୦ ରୁ ୮୦ କି.ମି. ଦୂରରୁ ଆସି ଘଟଣା ପରଦିନ ପହଞ୍ଚିଥାନ୍ତି। ଓଡ୍ରାଫ ଟିମ୍ ମଧ୍ୟ ବହୁ ବିଳମ୍ବରେ ପହଞ୍ଚୁଥିବାରୁ ଦୁଇ ତିନିଦିନ ପରେ ମୃତଦେହ ମିଳିଥାଏ। ଏଠାରେ ଅଗ୍ନିଶମ କାର୍ଯ୍ୟାଳୟଟିଏ ସ୍ଥାପନ ହେଲେ ଅନେକ ଜୀବନ ବଞ୍ଚିପାରନ୍ତା ବୋଲି ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ବିଶେଷ କରି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ଏଭଳି ବହୁ ଦୁଘଟଣା ଘଟୁଛି। ଚଳିତ ବର୍ଷ ଚିତ୍ରକୋଣ୍ଡା ବ୍ଲକର ଓରାପଦର, କନ୍ଧଗୁଡ଼ା, କୁରୁମାନୁର, ପଣଷପୁଟ, ଚିତ୍ରକୋଣ୍ଡା, ଆରଙ୍ଗି ଘାଟ ଓ ଦୋରାଗୁଡ଼ା ଘାଟ, କାଞ୍ଚରପେଟା ନଦୀ, ସାକୃବନ୍ଧା ନାଳ ଭଳି ବହୁ ଗ୍ରାମରେ ଡ଼ଙ୍ଗାବୁଡ଼ି ଓ ନଦୀରେ ଭାସଯାଇ ଅନେକ ଜୀବନ ଯାଇଛି। ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଓ ଏମ୍‌ପି ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଅବିଳମ୍ବେ ଚିତ୍ରକୋଣ୍ଡାରେ ଅଗ୍ନିଶମ ସେବା କେନ୍ଦ୍ର ସ୍ଥାପନ ପାଇଁ ମତପ୍ରକାଶ ପାଇଛି।

### ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ପଦ୍ମପୁର,୨୫।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଖମାପଦର ପଞ୍ଚାୟତ ଅଧୀନ ବିଁଗିପଦର ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାହିନୀପତିଙ୍କ ଅଧକ୍ଷତାରେ ଫିଟିଏ ବୈଠକ ହୋଇଥିଲା। ଏଥିରେ ଆଇଫିଟିଏର ସଭ୍ୟାସଭ୍ୟ ଉପସ୍ଥିତ ରହି ଆଦିବାସୀ ବର୍ଗର ୩ ପୁରୁଷ, ୩ ମହିଳା ଏବଂ ହରିଜନ ବର୍ଗର ୩ ପୁରୁଷ ଓ ୩ ମହିଳାଙ୍କୁ ଏସ୍‌ଏମ୍‌ସିର ସଭ୍ୟାସଭ୍ୟ ଭାବେ ମନୋନୀତ କରିଥିଲେ। ଉକ୍ତ ୧୨ ଜଣଙ୍କ ସର୍ବସମ୍ମତିକ୍ରମେ ସଭ୍ୟାସଭ୍ୟ ଭାବେ ଗୃହୀତ ହୋଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଅନ୍ୟ ୭ ସଭ୍ୟାସଭ୍ୟ ମନୋନୀତ ହୋଇଛନ୍ତି। ଏସ୍‌ଏମ୍‌ସିର ସଭାପତିଭାବେ ସୁଧାମଣି ଶବର ମନୋନୀତ ହୋଇଛନ୍ତି। ବୈଠକରେ ସହକାରୀ ଶିକ୍ଷକ ଦିଲୀପ ଶବର, ପି. ସନ୍ତୋଷ, ଶିବପ୍ରସାଦ ସାହୁ, ସି. ଏସ୍. ପୋଲ୍ଟୁରୁ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବେଟ୍ ତାଲିକାଭୁକ୍ତ ପାଇଁ ଗାଁ ସାଥୀଙ୍କ ଦାବି

ମୁନିଗୁଡ଼ା,୨୫।୧୧(ଡି.ଏନ୍.ଏ.)

ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୦ ଦଫା ଦାବି ନେଇ ଏକ ଦାବିପତ୍ର ବୁଧବାର ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ ଗାଁ ସାଥୀ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିଯୁକ୍ତି ପାଇଥିବା ୬୦ ପ୍ରତିଶତ ଗାଁ ସାଥୀ ପଞ୍ଚାୟତ ମେଟ୍ ତାଲିକାରୁ ବାଦ୍ ପଡ଼ିଛନ୍ତି। ସେମାନଙ୍କୁ ପଞ୍ଚାୟତ ମେଟ୍ ତାଲିକାଭୁକ୍ତ କରିବା ପାଇଁ କମିଟି ପକ୍ଷରୁ ଦାବି ହୋଇଛି। ସେହିପରି ଗାଁ ସାଥୀ ଚୟନ କରାଯିବା ବଦଳରେ ନିଜର ପରିଚିତ ଲୋକ ଏବଂ ରାଜନୈତିକ ପେସାଧାରୀଙ୍କୁ କରାଯାଉଛି। ତେଣୁ ସେମାନଙ୍କୁ ବିଦା କରାଯାଉ, ପଲ୍ଲିସଭା ଓ ଗ୍ରାମସଭାରେ ସାମିଲ କରିବା, ମଷ୍ଟର ରୋଲ୍ ଉପରେ ଗାଁ ସାଥୀମାନଙ୍କ ଜାଲ୍ ଦସ୍ତଖତ ବନ୍ଦ କରିବା, ବ୍ଲକର ୧୭ଟି ପଞ୍ଚାୟତର ମେଟ୍ ତାଲିକା ପ୍ରଦାନ କରିବା ପ୍ରମୁଖ ଦାବିରହିଛି। ଦାବିପତ୍ର ପ୍ରଦାନବେଳେ ସଭାପତି ବନମାଳୀ ହିକକା, ସମ୍ପାଦକ ଗଜମଲ କରକରିଆ, କୃଷ୍ଣ କାଡ୍ରାକା, ଯୁଗ୍ମ ସମ୍ପାଦକ ରଘୁନାଥ ପିଡିକାକା, ନରେନ୍ଦ୍ର, ସୁଷମା ସାହୁ, ରଜନୀ କହଁର, ଅନିତା ପିଡିକାକା, ହେମଲତା କଣ୍ଡଗିରିଙ୍କ ସମେତ ସମସ୍ତ ଗାଁ ସାଥୀ ଉପସ୍ଥିତ ଥିଲେ।

### ଭଙ୍ଗା ବୋତଲରେ ଆକ୍ରମଣ, ଯୁବକ ଗିରଫ

ବୁଗୁଡ଼ା,୨୫।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ କାଞ୍ଚିଆପଲ୍ଲୀ ଗ୍ରାମରେ ଭଙ୍ଗା ବୋତଲରେ ଆକ୍ରମଣ କରିବା ଘଟଣାରେ ପୋଲିସ ଗୁରୁବାର ଜଣକୁ ଗିରଫ କରିଛି। ସେ ହେଲେ କାଞ୍ଚିଆପଲ୍ଲୀ ଗ୍ରାମର ଏ.ମିଟୁ ରେଡି। ଏ ନେଇ ଥାନାରେ କେସ୍ ନଂ ୬୧୯/୨୧ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ସୋମବାର ରାତିରେ ଶତ୍ରୁଘ୍ନ ରେଡ୍ଡିଙ୍କ ପୁଅ ବାହାଘର ଶୋଭାଯାତ୍ରାରେ ଡିଜେ ବାଜୁଥିଲା। ଶୋଭାଯାତ୍ରା ସରିବା ପରେ ପୁଣି ଡିଜେ ବଜାଇବାକୁ ଜିଦ୍ କରି ମିଟୁ ପାଟିତୁଣ୍ଡ କରିଥିଲେ। ଏଥିରେ ଲୋକେ ହସ୍ତକ୍ଷେପ କରି ମିଟୁଙ୍କୁ ବୁଝାଶୁଝା କରି ଘରକୁ ଫେରାଇ ଦେଇଥିଲେ ହେଁ ପୁଣି ସେ ଏକ ଭଙ୍ଗା ବୋତଲ ଆଣି ବିଦ୍ୟାଧର ରେଡି ଓ କୈଳାସ ପାତ୍ରଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେମାନେ ଆହତ ହୋଇଥିଲେ। ଏନେଇ ଶତ୍ରୁଘ୍ନ ୨୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

### ଚାଷଜମିରୁ ଜଳ ନିଷ୍କାସନ ଦାବି

ଆସିକା,୨୫।୧୧(ଡି.ଏନ.ଏ.)

ଆସିକା ବ୍ଲକର ଭେଟନଇ, ବଡଖୋଲି ଅଞ୍ଚଳରେ ଚାଷ ଜମିରୁ ଜଳ ନିଷାସିତ ହୋଇପାରୁନଥିବା ଯୋଗୁ ବର୍ଷାଦିନେ ଶହ ଶହ ଏକରର ଫସଲ ନଷ୍ଟ ହେଉଛି। ତେଣୁ ଜମିରୁ ଜଳ ନିଷାସନ ଲାଗି ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ସଂପୃକ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଗୁରୁବାର ଭେଟନଇ ସରପଞ୍ଚ ଅମୂଲ୍ୟ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ବହୁ ଚାଷୀ ଭଞ୍ଜନଗରସ୍ଥିତ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷଜମି ଦେଇ ଯାଇଥିବା ଘୁଙ୍ଗୁରି ନାଳର ଦ୍ୱିତୀୟ ଚେକ ଡ୍ୟାମ ଦେଇ ଉଦବୃତ୍ତ ଜଳ ବଡନଦୀରେ ମିଶିବା ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା କାର୍ଯ୍ୟରେ ଆସୁନି। ଏଥିଯୋଗୁ ଭେଟନଇ, ବଡଖୋଲି, ଧନିଜା, ଭେଜିପୁଟ ଆଦି ଗ୍ରାମର ବହୁ ଚାଷ ଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି ।

